## ଚୋରା ମଦ ଜବତ: ୩ ଗିରଫ

ବାଲିକୁଦା,(ସ୍ୱ.ପ୍ର.):ବାଲିକୁଦା ପୋଲିସ ଓ ଅନନ୍ତପୁର ଫାଣ୍ଡି ପୋଲିସ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ମଦ ଜବତ କରିଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୁଶୁପୁରୁ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିବେଲାରି ଗାଁର ଟୁଟୁ ଲେଙ୍କା (୪୫) ମଦ ନେଇ ଯାଉଥିବାବେଳେ ଫାଣ୍ଡି ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୮.୫ ଲିଟର ମଦ ଜବତ କରାଯାଇଛି। ଏନେଇ ଅବକାରୀ ମାମଲା (ନଂ. ୪୪୪/୨୨) ରୁଜୁ ହୋଇଛି। ସେହିପରି ମଦ କାରବାର ଅଭିଯୋଗରେ ବଡ଼ଗାଁ ପଞ୍ଚାୟତ (ମିର୍ଜାପୁର)ବଡ଼ରୋଡ଼ଙ୍ଗର ଶିବପ୍ରସାଦ ଲେଙ୍କା ଓ ସଂଗ୍ରାମପୁର ପଞ୍ଚାୟତ ବୁଢ଼ିସାହିର ନିରଞ୍ଜନ ଭୋଇଙ୍କୁ ଗିରଫ କରାଯାଇଛି। ଏନେଇ ଯଥାକ୍ରମେ ମାମଲା (ନଂ. ୪୪୧/୨୨ ଓ ୪୪୨/୨୨) ରୁଜୁ କରାଯାଇଛି।

## ସଂକ୍ଷେପରେ

### ବିଜେଡି ପଦଯାତ୍ରା: ଗାଁ ଗାଁ ବୁଲିଲେ ନେତା

ବାଲିକୁଦା,୧୧।୧୦(ସ୍ୱ.ପ୍ର.): ବାଲିକୁଦା ପଞ୍ଚାୟତରେ ମଙ୍ଗଳବାର ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲିକୁଦା ନେତା ତଥା ବିଧାୟକ ରଘୁନନ୍ଦନ ଦାସ ଅତିଥି ଭାବେ ଯୋଗଦେଇ ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ଶୁଣିଥିଲେ। ଏଥିସହ ଦଳୀୟନେତା ଓ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ଜିଲାପରିଷଦ ସଦସ୍ୟ ଜଟାଧାରୀ ଦାସ, ଗୁନିଲତା ବେହେରା, ଡଲି ପଣ୍ଡା, ତଟିନା ସ୍ୱାଇଁ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ପୂର୍ବତନ ଜିଲାପରିଷଦ ସଭ୍ୟା ବିଦୁଲତା ବିଶ୍ୱାଳ, ଯୁବସଂଗଠକ ସମୀର ପରିଡ଼ା, ଲକ୍ଷ୍ମୀଧର ସ୍ୱାଇଁ, ବିଶ୍ୱରଞ୍ଜନ ନାୟକ, ସୁଶାନ୍ତ ନାୟକ, ଶୁଭେନ୍ଦ୍ର ଦାସ, ବିଷ୍ଣୁଚରଣ ରାଉତ ପ୍ରମୁଖ ଯୋଗଦେଇ ବିଜେଡିର ସ୍ୱଚ୍ଛ ଶାସନ ଓ ଜନପ୍ରିୟ ଯୋଜନାର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବାଲିକୁଦାର ଅଧିଷ୍ଠାତ୍ରୀ ଦେବୀ ମା' ଥାନପତିଙ୍କ ପ୍ରାଙ୍ଗଣରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା।

### କୃଷକ ସାଥୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ବିରିଡି,୧୧।୧୦ (ଡି.ଏନ.ଏ.): ବିରିଡି ବ୍ଲକ କୃଷକ ସାଥୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ସ୍ଥାନୀୟ ସତ୍‌ସଂଘ ବିହାରରେ ଅନୁଷ୍ଠିତ ହୋଇଯାଇଛି । ପ୍ରବୋଧ କୁମାର ବାଘିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ଲକର ୩୯ ଜଣ କୃଷକ ସାଥୀ ଯୋଗ ଦେଇଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ବ୍ଲକର ନୂତନ ସଭାପତି ଭାବେ ଜ୍ଞାନରଞ୍ଜନ ବାରିକ, ଉପସଭାପତି ସରୋଜିନୀ ରାୟ, ସମ୍ପାଦକ ପ୍ରମୋଦ କୁମାର ବେହେରା, କୋଷାଧକ୍ଷ ଭରତ କୁମାର ମହାନ୍ତି ନିର୍ବାଚିତ ହୋଇଥିଲେ । ସଂଘର ପ୍ରାଥମିକ ପାଣ୍ଠି ବାବଦକୁ ମାସିକ ୩୦ ଟଙ୍କା କରି ଜମା କରିବାକୁ ସ୍ଥିର ହୋଇଥିଲା । ଶେଷରେ ବିଶ୍ୱନାଥ ସେନାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନାଁକୁ ଚାଲିଛି ଜଗତ୍‌ସିଂହପୁର ଡିଷ୍ଟ୍ରିକ୍ଟ ପୋର୍ଟାଲ

ଜଗତ୍‌ସିଂହପୁର ଅଫିସ, ୧୧।୧୦

■ ତଥ୍ୟ ନାହିଁ, ଜାଣିଶୁଣି ସହଯୋଗ କରୁନି ବିଭାଗ
■ ନ୍ୟାଶନାଲ ଇନ୍‌ଫର୍ମେଟିଭ୍ ସେଣ୍ଟର ଏହାକୁ ପରିଚାଳନା କରୁଛି

ଲୋକଙ୍କ ପାଖରେ ସହଜରେ ସୂଚନା ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ପ୍ରତି ଜିଲାରେ ପୋର୍ଟାଲ ରହିଛି। ନ୍ୟାଶନାଲ ଇନ୍‌ଫର୍ମେଟିଭ୍ ସେଣ୍ଟର (ଏନ୍‌ଆଇସି) ଏହାକୁ ପରିଚାଳନା କରୁଛି। ଲୋକେ ନେଟ୍ ଖୋଲି ପୋର୍ଟାଲ ମାଧ୍ୟମରେ ଅନେକ ସୂଚନା ପାଇପାରିବେ ବୋଲି କୁହାଯାଉଛି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏହା ପ୍ରହସନ ପାଲଟିଛି । ଜଗତ୍‌ସିଂହପୁର ଡିଷ୍ଟ୍ରିକ୍ଟ ପୋର୍ଟାଲ (jagatsingpur.nic.in) ଖୋଲିଲେ ଏଥିରେ ଅନେକ କିଛି ଅଭାବ ଥିବା ଦେଖାଯାଇଛି । ବିଶେଷକରି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଆର୍‌ଟିଆଇ, ଅଧିକାରୀମାନଙ୍କ ନାଁ, ମୋବାଇଲ ଓ ଲାଣ୍ଡଲାଇନ୍ ନମ୍ବର, ଇ-ମେଲ ଆଇଡି, ସେବା, ଫଟୋ ଆଦିର ଆବଶ୍ୟକତାକୁ ଗୌଣ କରାଯାଇଛି। ଏ ସମ୍ପର୍କରେ ଏନ୍‌ଆଇସି ଅଧିକାରୀ ଜ୍ୟୋତି ପ୍ରକାଶ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଡିଷ୍ଟ୍ରିକ୍ଟ ପୋର୍ଟାଲ କମିଟିରେ ତଥ୍ୟ ଦେବା ଦାୟିତ୍ୱ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ)ଙ୍କ ଉପରେ ନ୍ୟସ୍ତ କରାଯାଇଛି। ୨୦୧୮ରେ ଯେତିକି ତଥ୍ୟ ମିଳିଥିଲା ସେତିକି ହିଁ ଡିଷ୍ଟ୍ରିକ୍ଟ ପୋର୍ଟାଲରେ ଉପଲବ୍ଧ ଅଛି । ତା'ପରଠାରୁ ବିଭାଗୀୟ ଅଧିକାରୀମାନେ ସୂଚନା ଦେଉନାହାନ୍ତି। ଏନେଇ ସେ ନିଜ ଆଡୁ ଆଗ୍ରହ ପ୍ରକାଶ କରି ୩ ମାସ ପୂର୍ବରୁ ଜିଲାପାଳଙ୍କୁ ଅବଗତ କରି ଜିଲାପାଳଙ୍କ ଅନୁମତିକ୍ରମେ ଡିଆଇପିଆର୍‌ଓଙ୍କୁ ଚିଠି କରିଥିଲେ। ଏଥିରେ ଉଲ୍ଲେଖ ଅଛି ବିଭାଗଗୁଡିକରୁ ତଥ୍ୟ ସଂଗ୍ରହ କରି ଦେଲେ ସେଗୁଡିକ ଅପଲୋଡ୍ କରାଯିବ। ଡିଆଇପିଆର୍‌ଓ କାମିନୀ ରଞ୍ଜନ ପଟ୍ଟନାୟକ କହିଛନ୍ତି, ସେ ଜିଲାପାଳଙ୍କ ଅନୁମତିକ୍ରମେ ଗତ ଅଗଷ୍ଟରେ ବିଭାଗଗୁଡିକୁ ଚିଠି କରିଛନ୍ତି। ପ୍ରତି ୬ ମାସରେ ଥରେ ଡାଟା ଅପ ଟୁ ଡେଟ୍ କରିବାକୁ ପଡ଼ିବ । ତେଣୁ ବିଭାଗଗୁଡିକ ଏହି ଅନୁଯାୟୀ ଡାଟା ଦେଲେ ତାହା ଏନ୍‌ଆଇସି ସାଇଟ୍‌ରେ ଅପଲୋଡ୍ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । କିନ୍ତୁ ଡାଟା ଦେବାକୁ ବିଭାଗଗୁଡିକ ଆଗ୍ରହ ପ୍ରକାଶ କରୁ ନ ଥିବା ଡିଆଇପିଆର୍‌ଓ କହିବା ସହ ପୁଣି ସେମାନଙ୍କୁ ଆଉ ଥରେ ଚିଠି କରାଯିବ ବୋଲି ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ପୋର୍ଟାଲଟି କେବଳ ଔପଚାରିକତା ପୂରଣ ପାଇଁ କରାଯାଇଛି। ଡାଇରେକ୍ଟୋରୀର ପବ୍ଲିକ ୟୁଟିଲିଟିଜ୍ ଖୋଲିଲେ ବ୍ୟାଙ୍କ, କଲେଜ/ୟୁନିଭରସିଟି, ଇଲେକ୍ଟ୍ରିସିଟି, ହସ୍ପିଟାଲ, ମ୍ୟୁନିସିପାଲିଟି, ଏନ୍‌ଜିଓ, ପୋଷ୍ଟାଲ ଓ ସ୍କୁଲ୍ ଆଦିର ନାମ ରହିଛି । କିନ୍ତୁ ସେଗୁଡିକ ଖୋଲୁନାହିଁ। ଏପରି କି ହସ୍ପିଟାଲ ଭିତରେ ଜିଲାର କେବଳ ଜଗତ୍‌ସିଂହପୁର ଡିଷ୍ଟ୍ରିକ୍ଟ ହେଡକ୍ୱାର୍ଟର ହସ୍ପିଟାଲ ନାଁ ଆସୁଥିବାବେଳେ ଏସମ୍ପର୍କରେ କୌଣସି ତଥ୍ୟ ସେଥିରେ ନାହିଁ। ଅନୁରୂପ ଭାବେ ଜଗତ୍‌ସିଂହପୁର ଓ ପାରାଦୀପ ମ୍ୟୁନିସିପାଲିଟି ଲିଙ୍କ ଆସୁଥିଲେ ସୁଦ୍ଧା ତାହା ଖୋଲୁନାହିଁ। ଏଥିସହ କିଛି ବିଭାଗର ନାଁ ଉକ୍ତ ପୋର୍ଟାଲରେ ନାହିଁ। ପାରାଦୀପ ମ୍ୟୁନିସିପାଲିଟିର ନିଜସ୍ୱ ୱେବସାଇଟ୍ ରହିଛି । କିନ୍ତୁ ଜଗତ୍‌ସିଂହପୁର ମ୍ୟୁନିସିପାଲିଟିର ୱେବସାଇଟ୍ କାମ କରୁନି। ଏହି ୨ ପୌର ପରିଷଦ କାହିଁକି ଡିଷ୍ଟ୍ରିକ୍ଟ ପୋର୍ଟାଲକୁ ତଥ୍ୟ ଦେବାରେ ବିଳମ୍ବ କରୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତେବେ ଅକ୍ଟୋବର ଭିତରେ ଜଗତ୍‌ସିଂହପୁର ପୌର ପରିଷଦ ତଥ୍ୟ ଡିଷ୍ଟ୍ରିକ୍ଟ ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସୂଚନା କମିଶନ ନିର୍ଦ୍ଦେଶ ଦେଇଥିବା ଜଣେ ଆବେଦନକାରୀ ସୂଚନା ଦେଇଛନ୍ତି । ତାଙ୍କ ମାମଲାର ଶୁଣାଣି ବେଳେ ଜଗତ୍‌ସିଂହପୁର ପୌର ପରିଷଦ ଜାଣିଶୁଣି ସୂଚନା ଦେଉ ନ ଥିବା ଅଭିଯୋଗ ଉପରେ କମିଶନ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବିଭାଗଗୁଡିକ ଜନସାଧାରଣଙ୍କୁ ତଥ୍ୟ ଲୁଚାଇବାକୁ ଚାହୁଁଛନ୍ତି। ସୂଚନା ଅଧିକାର ଆଇନ ମଧ୍ୟ ଏଠାରେ ପୂର୍ଣ୍ଣମାତ୍ରାରେ କ୍ରାର୍ଯ୍ୟକ୍ଷମ ହେଉ ନ ଥିବା ଦର୍ଶାଯାଇଛି। ଅନେକ ଅସାଧୁ କର୍ମଚାରୀ ତଥ୍ୟ ଲୁଚାଇବା ପାଇଁ ଅପଚେଷ୍ଟା କରୁଛନ୍ତି। ଆଉ ଯେଉଁସବୁ ତଥ୍ୟ ମିଳୁଛି ତାହା ଜାଣିଶୁଣି ବିଳମ୍ବ କରାଯାଉଛି। ଅପରପକ୍ଷେ ଜିଲା ପ୍ରଶାସନର ନୀରବତା ପରୋକ୍ଷରେ ବିଭାଗୀୟ ଅଧିକାରୀଙ୍କ ମନ୍ଦ ଉଦ୍ଦେଶ୍ୟ ପୂରଣରେ ସହାୟକ ହେଉଛି। ଅତୀତରେ ମଧ୍ୟ ଡିଷ୍ଟ୍ରିକ୍ଟ ପୋର୍ଟାଲରେ ସଦ୍ୟ ତଥ୍ୟ ଅପଲୋଡ୍ ପାଇଁ ତତ୍କାଳୀନ ଜିଲାପାଳ ଗୁରୁତ୍ୱ ଦେଇଥିଲେ । ସେତେବେଳେ ବିଭାଗୀୟ ଅଧିକାରୀମାନଙ୍କୁ ଏଥିରେ ସୂଚନା ଦେବାକୁ କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏଥିପ୍ରତି ଧ୍ୟାନ ଦିଆଯାଇ ନଥିଲା। ଜିଲାପାଳଙ୍କ ଚିଠିକୁ ଯଦି ବିଭାଗୀୟ ଅଧିକାରୀମାନେ ମାନିବେ ନାହିଁ ତେବେ ଏହା ପଛର ରହସ୍ୟ କ'ଣ ଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀଙ୍କୁ ତାଙ୍କ ମୋବାଇଲ ନମ୍ବର ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।



ଜଗତ୍‌ସିଂହପୁର ଡିଷ୍ଟ୍ରିକ୍ଟ ପୋର୍ଟାଲ।

## ଜୟପ୍ରକାଶ, ମନମୋହନ ଚୌଧୁରୀଙ୍କ ଜୟନ୍ତୀ

ରଘୁନାଥପୁର,୧୧।୧୦(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୟପ୍ରକାଶ ନାରାୟଣ, ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଓ ବାଜି ରାଉତଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ ପୌରୋହିତ୍ୟ କରିଥିଲେ । ମୁଖ୍ୟବକ୍ତା ଭାବେ ବିଇଓ ବିଜୟ କୁମାର ସ୍ୱାଇଁ ଯୋଗଦେଇ ଜୟପ୍ରକାଶ, ମନମୋହନଙ୍କ ଜୀବନ ଦର୍ଶନ ଏବଂ ବାଜିରାଉତଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥିଭାବେ ଉତ୍କଳ ସର୍ବୋଦୟ ମଣ୍ଡଳ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇଥିଲେ । ସର୍ବୋଦୟ ମଣ୍ଡଳ ଜଗତ୍‌ସିଂହପୁରର ସଭାପତି ରମାରଞ୍ଜନ ସ୍ୱାଇଁ, ଜିଲା ସର୍ବୋଦୟ ମଣ୍ଡଳ ଜଗତ୍‌ସିଂହପୁରର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ଆଗାମୀ ଓଡ଼ିଶା ସଭାପତି ବିଜୟ କୁମାର ସ୍ୱାଇଁ, ସାମାଜିକ କର୍ମୀ ନିରଞ୍ଜନ ବାରିକ ଓ ଗୋବିନ୍ଦ ଓଝା ଯୋଗଦେଇ ମହାପୁରୁଷଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ସ୍ନେହାଂଶୁ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଇନ୍ଦୁମତୀ ସାହୁ ଦେଶାତ୍ମବୋଧକ ଗୀତ ଗାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବନ୍ଦର ଚିକିତ୍ସାଳୟରେ ଆୟୁର୍ବେଦ ଚିକିତ୍ସା ଆରମ୍ଭ

ପାରାଦୀପ,୧୧।୧୦(ସ୍ୱ.ପ୍ର.):

କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ସଚିବଙ୍କ ନିର୍ଦ୍ଦେଶ ମତେ ପାରାଦୀପ ବନ୍ଦର ଅଥରିଟି (ପିପିଏ)ମଙ୍ଗଳବାର ଠାରୁ ବନ୍ଦର ଚିକିତ୍ସାଳୟରେ ପାର୍ଟଟାଇମ ଆୟୁର୍ବେଦ ଚିକିତ୍ସା ସେବା ଆରମ୍ଭ କରିଛି। ଏହାକୁ ଅଧକ୍ଷ ପି.ଏଲ.ହାରାନ୍ଧ ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ତାପସ ରଞ୍ଜନ ପତିଙ୍କୁ ନିଯୁକ୍ତି ଦିଆଯାଇଛି। ଏହାଦ୍ୱାରା ବନ୍ଦର କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀମାନେ ଆୟୁର୍ବେଦ ଚିକିତ୍ସା ଓ ଯୋଗ ଦ୍ୱାରା ରୋଗ ନିବାରଣ, ପ୍ରାକୃତିକ ଚିକିତ୍ସା ଆଦି ଉପଚାର ଆଦି ଉପରେ ପରାମର୍ଶ ନେଇପାରିବେ ବୋଲି ସୂଚନା ଦିଆଯାଇଛି।




## ରାଜେନ୍ଦ୍ର ବିଜୁ ଯୁବ ଜନତା ଦଳ ଜିଲା ସାଧାରଣ ସମ୍ପାଦକ

କୁଜଙ୍ଗ,୧୧।୧୦(ଡି.ଏନ୍.ଏ.)

ବିଜେଡି ଜଗତ୍‌ସିଂହପୁର ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ହେଲେ ସେ କୁଜଙ୍ଗ ବ୍ଲକର ଜଣେ ଦୃଢ଼ ଯୁବ ସଂଗଠକ ଭାବେ ପରିଚିତ ଥିବାବେଳେ ମଲ୍ଲାସାହି ପଞ୍ଚାୟତର ଜଣେ ଆଗ ଧାଡିର ବିଜେଡି ନେତା ରୂପେ ପରିଗଣିତ । ରାଜେନ୍ଦ୍ର ପୂର୍ବରୁ ବିଜୁ ଯୁବ ଜନତା ଦଳର ଜିଲା ସମ୍ପାଦକ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଥିଲେ। ଦଳୀୟ ନେତୃବୃନ୍ଦ ଓ ଜିଲା ସଭାପତି ସୌମ୍ୟଜିତ ମହାପାତ୍ର ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଜିଲା ଯୁବ ସାଧାରଣ ସମ୍ପାଦକ ରୂପେ ନିଯୁକ୍ତି ଦେଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜିଲା ସଭାପତି ପ୍ରଶାନ୍ତ ମୁଦୁଲି, ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ ପ୍ରମୁଖଙ୍କୁ ନରେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା

**ବିରିଡି,୧୧।୧୦(ଡି.ଏନ.ଏ.):**ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର ପୁରଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ମାନସିକ ଦିବସ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ମାଦେଳିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ମାନସିକ ଚାପରୁ କିପରି ନିବୃତ୍ତ ହେବ ସେନେଇ ବୁଝାଯାଇଥିଲା। ବିଦ୍ୟାଳୟ ପରିସରରେ ଏକ ସଚେତନତା ପଦଯାତ୍ରା ହୋଇଥିଲା। ଏଥିରେ ସେଫାଳି ମହାପାତ୍ର, ଇନ୍ଦ୍ରମଣି ଗୋଚ୍ଛାୟତ, ଭବାନୀ ଶଙ୍କର ହାଲଦାର ପ୍ରମୁଖ ଯୋଗଦେଇଥିଲେ।

# 'ମା'ସଶକ୍ତ ହେଲେ ଶିଶୁ କନ୍ୟା ସଶକ୍ତ ହେବ'

### ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ

କୁଜଙ୍ଗ,୧୧।୧୦(ଡି.ଏନ୍.ଏ)

ମା' ସଶକ୍ତ ହେଲେ ସମାଜରେ ଶିଶୁକନ୍ୟା ସଶକ୍ତ ହେବ ବୋଲି କୁଜଙ୍ଗ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଫତେପୁର ପଞ୍ଚାୟତ ଅନ୍ତର୍ଗତ ଜଳଧରପୁରସ୍ଥିତ ମା'ରାମଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଫତେପୁର ସେକ୍ଟର ଅଧୀନରେ ଥିବା ୨୪ ଅଙ୍ଗନୱାଡି କେନ୍ଦ୍ରକର୍ମୀ, ସହାୟିକା, ଆଶା କର୍ମୀ, ସ୍ୱୟଂସହାୟିକା ଗୋଷ୍ଠୀ ଓ ଅଧ୍ୟୟନରତ ଶିଶୁକନ୍ୟାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।

ଏଥିରେ କୁଜଙ୍ଗ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତନୁ ପ୍ରଭା ବେଉରା ଅଧକ୍ଷତା କରିଥିଲେ। ନିତମ୍ବିନୀ ସାମନ୍ତରାୟ ସଂଯୋଜନ କରିଥିଲେ। ମୁଖ୍ୟ ଅତିଥିଭାବେ ମା' ରାମଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ପାଢୀ ଯୋଗଦେଇ ଶିଶୁ କନ୍ୟାଙ୍କୁ ସମାଜର ମୁଖ୍ୟ ସ୍ରୋତର ଅଗ୍ରଭାଗକୁ ଆଣିବାକୁ ହେଲେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମା'ମାନଙ୍କ ନୈତିକ, ମାନସିକ ଓ ବୌଦ୍ଧିକ ଶିକ୍ଷା ଶିଶୁମାନଙ୍କୁ ଉପରକୁ ଉଠିବାରେ ପ୍ରେରଣାଦିଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବ୍ଲକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମହାସଂଘର ସଭାନେତ୍ରୀ ମନୋରମା ମହାପାତ୍ର, ସୁପରଭାଇଜର ଶ୍ରୁତିପ୍ରଜ୍ଞା ମହାପାତ୍ର, ଇଲାରାଣୀ ତରାଇ ପ୍ରମୁଖ ଯୋଗଦେଇ ଶିଶୁ କନ୍ୟା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଥମେ ଛାତ୍ରୀମାନେ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ଶିଶୁକନ୍ୟାମାନେ କୌଣସିଗୁଣରେ କମ୍ ନୁହନ୍ତି ବୋଲି ସଚେତନତା ବାର୍ତ୍ତା ଦେଇଥିଲେ। ଅଙ୍ଗନୱାଡି କର୍ମୀ ନିତମ୍ବିନୀ ସାମନ୍ତରାୟ ଓ କମଳା ପଣ୍ଡା ଶିଶୁ କନ୍ୟାଙ୍କ ଉପରେ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲାବେଳେ, ପ୍ରତିମା ନାୟକ ଲୋକ ଗୀତ ଗାନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁସ୍ତକ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।


ଶୋଭଯାତ୍ରାରେ ସାମିଲ ହୋଇଥିବା ଅଙ୍ଗନୱାଡି କର୍ମୀ, ଶିଶୁ କନ୍ୟା ଓ ଅନ୍ୟମାନେ।

# କ୍ରୀଡ଼ା ଶାରୀରିକ, ମାନସିକ ବିକାଶ କରେ

ଜଗତ୍‌ସିଂହପୁର ଅଫିସ, ୧୧। ୧୦

### ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କ୍ରୀଡା ପ୍ରତ୍ୟେକଙ୍କ ଶାରୀରିକ ଓ ମାନସିକ ବିକାଶରେ ସହାୟକ ହୁଏ। ତେଣୁ ପ୍ରତ୍ୟେକେ ଖେଳ ପ୍ରତି ଆକର୍ଷିତ ହେବା ଉଚିତ।। ମଙ୍ଗଳବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ପାରୁଲ ପଟୱାରୀ ଏହା କହିଛନ୍ତି। ସେ ଉପସ୍ଥିତ କ୍ରୀଡାବିତ୍‌ଙ୍କୁ ସମ୍ବୋଧନ କରି ସୂଚାଇବାକୁ ଚାହିଁଥିଲେ, ଆମ ରାଜ୍ୟ ସମସ୍ତ ପ୍ରକାର କ୍ରୀଡାରେ ଉନ୍ନତ ପ୍ରଦର୍ଶନ କରିଆସୁଛି । ରାଜ୍ୟରେ କ୍ରୀଡାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଏହି ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ଜାଗ୍ରତ କରିଛି। ପ୍ରତ୍ୟେକେ ନିଜର ପ୍ରତିଭା ପ୍ରଦର୍ଶନ କରି ଆଗକୁ ଯାଇପାରିବେ ବୋଲି ଜିଲାପାଳ ପଟୱାରୀ କହିଥିଲେ । ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପୌରୋହିତ୍ୟ କରି ଭାଗନେଇଥିବା କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ । ସେ କହିଥିଲେ, ପ୍ରତିଯୋଗିତାରେ ହାରଜିତ୍ ବଡ କଥା ନୁହେଁ । ହାରିଲେ ଦୁଃଖ ନ କରି ଜିତିବା ପାଇଁ ଚେଷ୍ଟା କରିବା ଉଚିତ । ଏହି ମନୋଭାବ ନିଜକୁ ଆଗକୁ ନେବାରେ ସହାୟକ ହୋଇଥାଏ । ରାଜ୍ୟ ସରକାର କ୍ରୀଡାକୁ ପରିପୁଷ୍ଟ କରିବା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । ହକିରେ ସାରା ବିଶ୍ୱରେ ଓଡ଼ିଶା ସୁନାମ ଅର୍ଜନ କରିପାରିଛି ବୋଲି କହିଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଓ ରାଜ୍ୟଶ୍ରୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶାରୀରିକ ଶିକ୍ଷା ପରିଦର୍ଶକ ବିଦ୍ୟାଧର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ । ଏହି ଉତ୍ସବରେ କ୍ରୀଡାବିତ୍‌ମାନେ ମାର୍ଚ୍ଚପାଷ୍ଟ କରିଥିଲେ । ବରିଷ୍ଠ ଶାରୀରିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ କ୍ରୀଡା ପରିଚାଳନା କରିଥିଲେ। ପ୍ରତି ଦଳର ସେକ୍ରେଟାରୀ, ଦଳ ପରିଚାଳକ ଓ ରେଫରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଉତ୍ସବରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା, କ୍ରୀଡ଼ା କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଜିଲାର ସମସ୍ତ ବ୍ଲକର ୧୭ବର୍ଷରୁ କମ ବୟସର କ୍ରୀଡା ପ୍ରତିଯୋଗଙ୍କୁ ଟୁର୍ନାମେଣ୍ଟରେ ଭାଗ ନେବାପାଇଁ ସୁଯୋଗ ରହିଛି। ପ୍ରତି ବ୍ଲକରୁ ବାଳିକା ଓ ବାଳକ ବିଭାଗରେ ୨ଟି ଦଳ ଏଥିରେ ଯୋଗ ଦେଇଛନ୍ତି । ପ୍ରତି ଦଳରେ ୧୬ଜଣ ଲେଖାଏଁ କ୍ରୀଡାବିତ୍ ରହିଛନ୍ତି । ଏହି ପ୍ରତିଯୋଗିତା ୧୭ ତାରିଖରେ ଉଦ୍‌ଯାପନ ହେବ ।


ଖେଳାଳିଙ୍କ ସହ ଜିଲାପାଳ ପାରୁଲ ପଟୱାରୀ।



**ଟ୍ରାନ୍ସଫରମର ଚୋରି ଘଟଣାରେ ୧୦ ଗିରଫ**

କଳିଙ୍ଗନଗର,(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ବିଆର୍‌ପିଏଲ୍ କାରଖାନାର ନଡ଼ିଆଭଙ୍ଗାସ୍ଥିତ ଟାଉନସିପରୁ ବିଦ୍ୟୁତ୍ ଟ୍ରାନ୍ସଫର ଚୋରି ଘଟଣାରେ ୧୦ଜଣଙ୍କୁ କଳିଙ୍ଗନଗର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଏକ ଓଜନ ମେସିନ, ରେଞ୍ଚି ସେଟ, ତମ୍ବା ୨୨୫ କେଜି, ପିତଳ ୨୦ କିଲୋଗ୍ରାମ, ତିନୋଟି ମଟରସାଇକେଲ ଜବତ କରିଛି। ଗତ ମାସ ୨୯ ତାରିଖ ରାତିରେ ଟାଉନଶିପ ପାଚେରି କଣାକରି ୩୩ କେ.ଭି. ଟ୍ରାନ୍ସଫର୍ମରକୁ ଦୁର୍ବୃତ୍ତ ଚୋରି କରିଥିଲେ। କାରଖାନା ଜେନେରାଲ ମ୍ୟାନେଜର ଭାଗିରଥି ପଣ୍ଡାଙ୍କ ଲିଖିତ ଅଭିଯୋଗ ଅନୁସାରେ, ରାତିରେ ୧୩ ଜଣ ଯୁବକ ଏକ ଗାଡିରେ ଆସି କଣ୍ଟ୍ରୋଲବୋର୍ଡ ପଛପଟ ସୁଇଚ ବନ୍ଦ କରିଥିଲେ। ପରେ ଚୋରି କରିଥିଲେ।

## ସ୍କ୍ରାପ୍ ଚୋରି ଘଟଣାରେ ୧୧ କୋର୍ଟଚାଲାଣ

ଧର୍ମଶାଳା,୧୧।୧୦(ଡି.ଏନ.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ୍ କାରଖାନା ଓ କଣ୍ଟିଗଡ଼ିଆସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପରୁ ସ୍କ୍ରାପ ଚୋରି ଘଟଣାରେ ପୋଲିସ ୧୧ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗତ ୫ତାରିଖ ରାତିରେ ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ୍ କାରଖାନା ପରିସରରୁ ସ୍କ୍ରାପ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ନଂ.୫୪୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଗିରଫ ଅଭିଯୁକ୍ତ ହେଲେ ଶ୍ରୀରାମପୁର ଗ୍ରାମର ବିପିନ ସେଠୀ, ପ୍ରଶାନ୍ତ ସେଠୀ, ଧନେଶ୍ୱର ଦେହୁରି, ଭାଗ୍ୟଧର ଦେହୁରି, ଜୁଲିଆ ଦେହୁରି, ଧନେଶ୍ୱର ମଲିକଙ୍କ ସମେତ ସ୍କ୍ରାପ କିଣିଥିବା ଅଭିଯୋଗରେ ମୁଣ୍ଡମାଳ ଗ୍ରାମର ଭୀମ ସେଠୀ। ସେହିପର ୯ତାରିଖରେ କଣ୍ଟିଗଡିଆ ସ୍ଥିତ ମେଗା ପାନୀୟ ପ୍ରକଳ୍ପରୁ ସ୍କ୍ରାପ ଚୋରି ହେବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ନଂ.୫୫୮/୨୨ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ସଂପୃକ୍ତ ଥିବା ସଂସ୍ଥାର ସୁରକ୍ଷା କର୍ମୀ ତଥା କଣ୍ଟିଗଡ଼ିଆ ଗ୍ରାମର ଚନ୍ଦନ ଦାସ, ଖିରମଙ୍ଗୀ ଗ୍ରାମର ଅମୂଲ୍ୟ ସାହୁଙ୍କ ସମେତ କଣ୍ଟିଗଡ଼ିଆ ଗ୍ରାମର ଉପେନ୍ଦ୍ର ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏମାନଙ୍କ ନିକଟରୁ ଚୋରି ସ୍କ୍ରାପ ଜବତ ହୋଇଥିବା ତଦନ୍ତକାରୀ ଅଧିକାରୀ ତଥା କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଓ ଧର୍ମଶାଳା ଥାନା ଏସଆଇ ବିଭୂତି ମହାପାତ୍ର ସୂଚନା ଦେଇଛନ୍ତି।

# ଶିଶୁ କନ୍ୟାଙ୍କ ବିକାଶ ଦିଗରେ ଯତ୍ନବାନ ହେବାକୁ ଆହ୍ୱାନ



ଶିଶୁକନ୍ୟା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

## ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ

ଯାଜପୁର ଟାଉନ, ୧୧।୧୦(ଡି.ଏନ.ଏ.)

ଯାଜପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱରେ ଶିଶୁ କନ୍ୟାମାନେ ଏକ ଅନାହୁତ ସମସ୍ୟାର କ୍ରମାଗତ ଭାବେ ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ସୁରକ୍ଷା, ସାମାଜିକ ନ୍ୟାୟ ଓ ସଚେତନତା ପ୍ରଦାନ ଦିଗରେ ନାରୀ ସମାଜ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କନ୍ୟା ଭ୍ରୁଣ ହତ୍ୟା, ବାଲ୍ୟ ବିବାହ ରୋକିବା ଦିଗରେ ସରକାର ଏବଂ ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ ଅନେକ ପଦକ୍ଷେପ ନେଉଛନ୍ତି। ଶିଶୁ କନ୍ୟାମାନଙ୍କର ଶିକ୍ଷା, ଶାରୀରିକ ଓ ମାନସିକ ବିକାଶ ଦିଗରେ ଅନ୍ୟମାନେ ଯତ୍ନବାନ ହେବା ସହିତ ହିଂସାମୁକ୍ତ ଜୀବନ ବିତାଇବାରେ ପ୍ରତ୍ୟେକ ଶିଶୁ କନ୍ୟାଙ୍କୁ ସହାୟ ହେବା ପାଇଁ ସେ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କୃତିବାସ ବାରିକ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଆକ୍ସନ ଏଡ଼୍ର ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ଦିଗାଲ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର ଦିବସର ମହନୀୟତା ଉପରେ ଆଲୋକପାତ କରିବା ସହ ଛାତ୍ରୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସଚେତନ ହୋଇ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସମସ୍ତଙ୍କୁ ସ୍ୱାଗତ କରିବା ସହ କନ୍ୟା ସୁରକ୍ଷା ଓ ସଚେତନ ଦିଗରେ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

# ନିଆଁରେ ପୋଡ଼ି ହୋଇ ଛାତ୍ର ମୃତ

କଳିଙ୍ଗନଗର, ୧୧।୧୦(ଡି.ଏନ.ଏ.)

ଟମକା ଥାନା ଅନ୍ତର୍ଗତ କିଆଁଝର ପଞ୍ଚାୟତ ସମରପିଟା ଗାଁରେ ଏକ ଅଘଟଣ ଘଟିଛି। ନିଆଁରେ ପୋଡି ହୋଇ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ତାଙ୍କ ଶରୀର ୯୦ ପ୍ରତିଶତ ପୋଡି ଯାଇଥିଲା। ମୃତ ଛାତ୍ର ହେଲେ ଗାଁର ପ୍ରଦୀପ ମହାରଣାଙ୍କ ପୁଅ ଗୋବିନ୍ଦ(୧୨)। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଗୋବିନ୍ଦ ସପ୍ତମ ଶ୍ରେଣୀର ଛାତ୍ର। ସେ ଡାହାଣୀଗଡିଆର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରବାସରେ ରହି ପାଠ ପଢୁଥିଲେ। ପୂଜା ଛୁଟିରେ ଘରକୁ ଆସି ମଙ୍ଗଳବାର ସ୍କୁଲକୁ ଯିବାର ଥିଲା। ତେବେ ତାଙ୍କ ମା' ଗାଧୋଇବାକୁ ଯାଇଥିବା ବେଳେ ଘରେ କେହି ନ ଥିଲେ। ହେଲେ ମା' ଆସି ଦେଖିଲା ବେଳକୁ ପୁଅ ଜଳୁଛି। ପୁଅକୁ ବଞ୍ଚାଇବାକୁ ମା' ଚେଷ୍ଟାକରିଥିଲେ। ଗୋବିନ୍ଦଙ୍କ ପ୍ୟାଣ୍ଟ ସ୍ୟାର୍ଟ ଖୋଲିବାକୁ ଚେଷ୍ଟା କରି ମା' ଅସଫଳ ହୋଇଥିଲେ। ଏହାପରେ ତାଙ୍କୁ ପରିବାର ଲୋକେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନାହିଁ।

# ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ଅନାବାଦୀ ଜମି

ଯାଜପୁର ଟାଉନ, ୧୧।୧୦(ଡି.ଏନ.ଏ.)

ଯାଜପୁର ସହର ସମେତ ଏହାର ଉପକଣ୍ଠ ସଦର ପଞ୍ଚାୟତ ବିଚିତ୍ରପୁରରେ ଅନେକ ବିକାଶ ମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ ଏହା ଭିତରେ ବାଣପୁର ରାଜସ୍ୱ ଗ୍ରାମର ଅନେକ ଅନାବାଦୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଜବରଦଖଲ କରି ରଖିଛନ୍ତି। ଫଳରେ ଉକ୍ତ ପଞ୍ଚାୟତରେ ଉତ୍ସବ, ମେଳା ଓ ଶବ ସତ୍କାର କରିବାକୁ ସ୍ଥାନର ଅଭାବ ଦେଖାଦେଇଛି। ବାଣପୁର ରାଜସ୍ୱ ଗ୍ରାମରେ ହାଲ ଖାତା ନଂ.୧୩୭୮,

**ଅତିରିକ୍ତ ତହସିଲଦାରଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

ପ୍ଲଟ୍ ନଂ.୩୯୩, ୩୯୫, ୩୯୬, ୩୯୭, ୫୩୭, ୬୧୪, ୪୧୨ ଆଦି ସ୍ଥାନ ଜବରଦଖଲରେ ରହିଛି। ତେଣୁ ଏହି ପ୍ଲଟ ନମ୍ବରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରି ଅଞ୍ଚଳବାସୀଙ୍କ ବ୍ୟବହାର ପାଇଁ ସ୍ଥାନ ଯୋଗାଡ଼ କରିବାକୁ ଅଞ୍ଚଳବାସୀ ବିଳାସ ରାଉତରାୟ, ଜନାର୍ଦ୍ଦନ ଅଧିକାରୀ ଓ ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି।

# ଯାଜପୁର ଥାନାରେ କାଳୀପୂଜା ପ୍ରସ୍ତୁତି ବୈଠକ


ବୈଠକରେ ପୋଲିସ, ତହସିଲଦାର ଓ ଅନ୍ୟମାନେ ।

ଯାଜପୁର ଟାଉନ, ୧୧।୧୦(ଡି.ଏନ.ଏ.)

ଯାଜପୁରର ଗଣପର୍ବ କାଳୀପୂଜା ପାଇଁ ଯାଜପୁର ଥାନା ପରିସରରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମେଢ଼ର କର୍ମକର୍ତ୍ତା ଓ ଶାନ୍ତି କମିଟି ସଦସ୍ୟମାନଙ୍କୁ ନେଇ ହୋଇଥିବା ବୈଠକରେ ପୂଜା ସମୟରେ ସହରକୁ ଗାଡି ଚଳାଚଳ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଏବଂ ଭସାଣ ଉତ୍ସବକୁ ଶୃଙ୍ଖଳିତରେ ସାରିବାକୁ ସମସ୍ତଙ୍କ ମତାମତ ନିଆଯାଇଥିଲା। ଆସନ୍ତା ୨୩ତାରିଖରୁ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ ହେଉଥିବା ବେଳେ ୨୪ଠାରୁ କାଳୀପୂଜା ଆରମ୍ଭ ହେଉଛି। ଚଳିତ ବର୍ଷ ଗ୍ରହଣ ଲାଗୁଥିବା ବେଳେ ୧୨ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ। ନଭେମ୍ବର ୪ ଓ ୫ ତାରିଖ ଦିନ ଭସାଣ ଉତ୍ସବ ହେବାକୁ ଥିବାବେଳେ ଚଳିତବର୍ଷ ସହରର ୫୮ଟି କାଳୀ ଓ ଲକ୍ଷ୍ମୀନାରାୟଣ ମେଢ଼ ପୂଜା ପାଇବେ। ପୂଜାକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨ ବର୍ଷ ଧରି କରୋନା ପାଇଁ ବିନା ଶ୍ରଦ୍ଧାଳୁରେ ପୂଜା କରାଯାଉଥିଲା। ଚଳିତବର୍ଷ ବହୁ ଆଡ଼ମ୍ବରରେ ଏହି ପୂଜା ହେବ। ପ୍ରତ୍ୟେକ ମଣ୍ଡପରେ ଜାକଜକମ, ଆଲୋକସଜା, ତୋରଣ ଓ ଗେଟ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇ ସାରିଲାଣି। ବୈଠକରେ ଯାଜପୁରର ଉପଜିଲାପାଳ ଗୋପୀନାଥ କୁଅଁର, ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ, ଏସଡିପିଓ ସରୋଜ କୁମାର ଉପାଧ୍ୟାୟ, ଥାନା ଅଧିକାରୀ ଅଜୟ କୁମାର ଜେନା, ଯାଜପୁର ପୂଜା କମିଟି ସଭାପତି କର୍ଣ୍ଣାଟ କେଶରୀ ଦାସ, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ସମେତ ଶାନ୍ତି କମିଟିର ସଦସ୍ୟ ଓ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦ୍ୱିତୀୟ ଦିନରେ ୩ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

## ସମିତିସଭ୍ୟ ଉପନିର୍ବାଚନ

ଧର୍ମଶାଳା,୧୧।୧୦(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ଚକ୍ରଧରପୁର ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ପାଇଁ ମଙ୍ଗଳବାର ଦ୍ୱିତୀୟ ଦିନରେ ୩ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଗୋପବନ୍ଧୁ ସିଂ, ଜଗନ ଜେନା ଓ ହେମନ୍ତ ଆଚାର୍ଯ୍ୟ। ସୂଚନା ଅନୁଯାୟୀ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଗତ ପଞ୍ଚାୟତ ନିର୍ବାଚନରେ ଚକ୍ରଧରପୁର ଓ କୁମାରୀ ପଞ୍ଚାୟତରୁ ସମିତିସଭ୍ୟ ପ୍ରାର୍ଥୀ ହୋଇ ଉଭୟ ପଞ୍ଚାୟତରୁ ବିଜୟଲାଭ କରିଥିଲେ। ପରେ ସେ କୁମାରୀ ପଞ୍ଚାୟତର ସମିତିସଭ୍ୟ ଭାବେ ରହି ଚକ୍ରଧରପୁର ସମିତିସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ସିଟଟି ଖାଲି ପଡିଥିବା ବେଳେ ନଭେମ୍ବର ୪ରେ ଏଠାରେ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ଅକ୍ଟୋବର ୧୦ ରୁ ୧୨ତାରିଖ ମଧ୍ୟରେ ନାମାଙ୍କପତ୍ର ଦାଖଲ ପାଇଁ ତାରିଖ ଘୋଷଣା କରାଯାଇଛି। ପ୍ରଥମ ଦିନରେ କହି ନାମାଙ୍କନପତ୍ର ଦାଖଲ କରିନଥିଲେ। ବୁଧବାର ଶେଷ ତାରିଖ ରହିଛି। ତେବେ ଶେଷ ତାରିଖ ସୁଦ୍ଧା କେତେଜଣ ନାମଙ୍କନପତ୍ର ଦାଖଲ କରୁଛନ୍ତି ତାହା ଅପରାହ୍ନରେ ଜଣାପଡିବ ବୋଲି ବିଡିଓ ଦେବେନ୍ଦ୍ର ବଳ ସୂଚନା ଦେଇଛନ୍ତି।






# ନଟବର ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କୋରେଇ,୧୧।୧୦(ସ୍ୱ.ପ୍ର.):

କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମର ମହାଲକ୍ଷ୍ମୀ ଭବନ ପରିସରରେ ନଟବର ବିଶ୍ୱାଳଙ୍କ ସ୍ମୃତି ସଂସଦ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ଓ ମୁଖ୍ୟବକ୍ତା ଭାବେ ବ୍ୟାସନଗର କଲେଜ ପୂର୍ବତନ ଅଧ୍ୟକ୍ଷ ଶିବଚରଣ ମାଝି ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ବ୍ରଜକିଶୋର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ସମସ୍ତ ଡାକ୍ତର, ପାରାମେଡିକାଲ ଷ୍ଟାଫ, ଏଏନ୍‌ଏମ୍, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ମେଡିସିନ ବିଶେଷଜ୍ଞ ଡାକ୍ତର କୈଳାସ ବିଶ୍ୱାଳ, ଡାଇବେଟିସ ବିଭାଗ ଡାକ୍ତର ଚିନ୍ମୟ ସାମଲ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ସୌଭାଗ୍ୟ ରଞ୍ଜନ ସୁବୁଦ୍ଧି, ଦନ୍ତ ବିଭାଗ ଡା. ପ୍ରଣତୀ ବୋଇତାଇ, ଡା. ଗଗନ ବିହାରୀ ବିଶ୍ୱାଳ, ସର୍ଜରୀ ବିଭାଗ ଡା. ଗଙ୍ଗାଧର ନାୟକ ପ୍ରମୁଖ ଯୋଗଦେଇ ୩୧୫ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କୋରେଇ ମୁକ୍ତା ଡାଇଗ୍ନୋଷ୍ଟିକ ପକ୍ଷରୁ ରୋଗୀଙ୍କ ରକ୍ତ, ଡାଇବେଟିସ, ବ୍ଲଡ ପ୍ରେସର୍, ଥାଇରଏଡ଼ ପ୍ରମୁଖ ମାଗଣାରେ ପରୀକ୍ଷା କରାଯାଇଥିଲା। ଏମ୍‌ଆର ଆଶୁତୋଷ ବାରିକ, ସୋନୁ ଦାସ ଓ ବାଣ୍ଟୁ ମଲିକ ଔଷଧ ବିତରଣରେ ସହଯୋଗ କରିଥିଲେ। ଆଗାମୀ ଦିନରେ ସ୍ମୃତି ସଂସଦ ପକ୍ଷରୁ ସାମାଜିକ ଓ ଜନହିତକର କାର୍ଯ୍ୟ ହାତକୁ ନିଆଯିବ ବୋଲି ସମ୍ପାଦକ ନିମାଇଁ ପରିଡ଼ା ସୂଚନା ଦେଇଛନ୍ତି।






# ଶିଶୁ ଚିତ୍ରକଳା ପ୍ରତିଯୋଗିତା, କବିତା ପାଠୋତ୍ସବ



ଜଣେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

କୁମାର ପୂର୍ଣ୍ଣିମୀ ଅବସରରେ ଯାଜପୁର ମଲ୍ଲିକାପୁରର ଆନିଲା ଆର୍ଟ ଫାଉଣ୍ଡେଶନ ପକ୍ଷରୁ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ରୁ ଅଧିକ ଶିଶୁ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ସେହିପରି ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀକବି ଅଂଶଗ୍ରହଣ କରି କବିତା ପାଠ କରିଥିଲେ। ଉତ୍ସବରେ ବରିଷ୍ଠ ଚିତ୍ର ଓ ନାଟ୍ୟ ଶିଳ୍ପୀ ବିଦ୍ୟାଧର ପତି ଏବଂ ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ଶିଳ୍ପୀ ଜ୍ଞାନେଶ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍, ସୁସାହିତ୍ୟିକ ତଥା ଅଧ୍ୟାପକ ଦାମୋଦର ବେହେରା ଯୋଗଦେଇ ଅନିଳା ଆର୍ଟ ଫାଉଣ୍ଡେସନ ଆଭିମୁଖ୍ୟ କିପରି ସାମାଜିକ ପରିବର୍ତ୍ତନର ଗୁରୁତ୍ୱ ଭୂମିକା ତୁଲାଇଛି ତାହା ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଅତିଥି ଅଧ୍ୟାପକ ଡ. ସତ୍ୟ ନାୟକ ଓ ସମ୍ମାନିତ ଅତିଥି କେଶୁ ଦାସ, ଶିକ୍ଷାବିତ କାଶୀନାଥ ପଣ୍ଡା ଆଜିର ଆଧୁନିକ ସମାଜରେ କଳା, ସାହିତ୍ୟର ଆବଶ୍ୟକତା ଓ ଏହାର ସ୍ଥାୟିତ୍ୱ ଏବଂ ପ୍ରସାର ନିମନ୍ତେ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଚିତ୍ରକଳା ପ୍ରତିଯୋଗିତାରେ ବିଚାରକ ଭାବେ ରାଜେନ୍ଦ୍ର ନାରାୟଣ ସାହୁ, ଧର୍ମପଦ ବିଶ୍ୱାଳ, ରାଜକିଶୋର ମହାରଣା, ଜୟନ୍ତ ନାୟକ ଯୋଗଦେଇ କଳିକା ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକମଣ୍ଡଳୀଙ୍କୁ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି କବି ଶଶି ନାୟକ ଶିଳ୍ପୀମାନଙ୍କ ଦୀର୍ଘଜୀବନ କାମନା କରିଥିଲେ। ଶେଷରେ ଶିକ୍ଷାବିତ ତଥା ଡିଏଭି ପବ୍ଲିକ ସ୍କୁଲ୍ ଝାରସୁଗୁଡ଼ାର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନମେଳା

ସିଂହପୁର,୧୧।୧୦(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିସିଜେ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁ ପ୍ରଥମ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମହମଦ ହିମାୟୁନ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ବିଚାରକ ଭାବେ ପ୍ରାଧ୍ୟାପକ ସୁରେନ୍ଦ୍ର ସାମଲ, ଅଧ୍ୟାପକ ପଦ୍ମନାଭ ବେହେରା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ସାହୁ ଯୋଗ ଦେଇଥିଲେ। ବିଞ୍ଝାରପୁର ବ୍ଲକ ବିଜ୍ଞାନ ଶିକ୍ଷକ ସଂଘ ସମ୍ପାଦକ ବ୍ରହ୍ମାନନ୍ଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଲୁଟ ଘଟଣା: ୩ କୋର୍ଟଚାଲାଣ ସୁନା ଅଳଙ୍କାର ଜବତ

**ଗୋପାଳପୁର,୧୧।୧୦(ଡି.ଏନ.ଏ.):** ସୁନା, ରୁପା ଅଳଙ୍କାର ସଫେଇ ଆଳରେ ଲୁଟ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମପୁର ମହାନଗର ନିଗମ ଗିରି ମାର୍କେଟ ଅଞ୍ଚଳର ପି. ରାଜେଶ କୁମାର, ବିହାର ତେତାର୍‌ପୁର ଥାନା ସାରାଇକୋପିବାଡ଼ିର ଭରତ ସାହ (୩୫) ଓ ମୋଝିଦ୍‌ପୁର ଥାନା ମାଣିକପୁର ଗ୍ରାମର ଦିନେଶ ପ୍ରସାଦ ସାହ (୪୫)। ସେମାନଙ୍କ ଠାରୁ ଲୁଟ ସୁନା ଅଳଙ୍କାର ଜବତ ହୋଇଛି। ରାଳବ ଗ୍ରାମ ତୁଳସୀ ବିହାର ପ୍ରଥମ ଲାଇନର ନିରୁପମା ନନ୍ଦଙ୍କ ଘରୁ ଗତ ୨୪ ତାରିଖରେ ୨ ଅଭିଯୁକ୍ତ ସୁନା ରୁପା ଅଳଙ୍କାର ସଫେଇ କରିଦେବେ କହି ସେ ସବୁକୁ ଲୁଟ୍ କରି ଚାଲି ଯାଇଥିଲେ। ଏନେଇ ନିରୁପମା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ ୩୪୮/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଗ୍ୟାଙ୍ଗରେ ୪ଜଣ ରହିଛୁ। ଚୋରି ସୁନା ଅଳଙ୍କାରକୁ ବ୍ରହ୍ମପୁର ଅଞ୍ଚଳର ପି. ରାଜେଶ କୁମାରଙ୍କୁ ବିକ୍ରି କରୁଛୁ ବୋଲି ଅଭିଯୁକ୍ତଦ୍ୱୟ ପୋଲିସ ଆଗରେ କହିଥିଲେ। ସେମାନଙ୍କ ବୟାନ ପ୍ରକାରେ ବ୍ରହ୍ମପୁର ଅଞ୍ଚଳରୁ ରାଜେଶଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ଚୋରି ୧୮୬.୫ ଗ୍ରାମ ସୁନା ଅଳଙ୍କାର ପୋଲିସ ଜବତ କରିଛି।

### ଗ୍ୟାସ ଲିକ୍‌ରୁ ୩ ଗୁରୁତର

**ଛତ୍ରପୁର,୧୧।୧୦(ଡି.ଏନ.ଏ):** ଛତ୍ରପୁର ଥାନା ବାସନାପଲ୍ଲୀ ଗ୍ରାମର ଜଣକ ଘରେ ମଙ୍ଗଳବାର ସନ୍ଧ୍ୟାରେ ଗ୍ୟାସ ଲିକ୍ ହୋଇ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧରେ ଦୁଇ ଜଣ ମହିଳା ଓ ଜଣେ ଶିଶୁ ଅଛନ୍ତି। ଆହତମାନେ ହେଲେ ବାସନାପଲ୍ଲୀ ଗ୍ରାମର ବି. ଆଦିଲକ୍ଷ୍ମୀ (୪୦), ବି. ସୁପ୍ରିୟା (୨୦) ଏବଂ ଓମ କୁମାର(୮)। ଘରେ ସିଲିଣ୍ଡର ବଦଳା ଯାଉଥିବା ଥିବା ବେଳେ ଗ୍ୟାସ୍ ଲିକ ହୋଇ ଏହି ଅଘଟଣ ଘଟିଛି। ଗୁରୁତରମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଛତ୍ରପୁର ହସ୍ପିଟାଲରେ ଅଲଟ୍ରାସାଉଣ୍ଡ ମେଶିନ ସ୍ଥାପନ

**ଛତ୍ରପୁର,୧୧।୧୦(ଡି.ଏନ.ଏ.):** ଛତ୍ରପୁର ଉପଖଣ୍ଡ ହସ୍ପିଟାଲରେ ଅଲଟ୍ରା ସାଉଣ୍ଡ ମେଶିନ ମଙ୍ଗଳବାର ସ୍ଥାପନ ହୋଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏହାର ଶୁଭାରମ୍ଭ କରିଥିଲେ। ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି. ପାପା ରାଓ, ଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼, ଡାକ୍ତର ମୋହନ ବାରିକ, ଡାକ୍ତର ସୁଦର୍ଶନ ସାହୁ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ସମିତି ସଦସ୍ୟା ରେଖା ମହାନ୍ତି ଓ ବିଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ପାଇଁ ସପ୍ତାହରେ ଗୋଟିଏ ଦିନ କେବଳ ଗର୍ଭବତୀଙ୍କୁ ଅଲଟ୍ରାସାଉଣ୍ଡ ସୁବିଧା ମିଳିବ। ପରେ ଆବଶ୍ୟକୀୟ ଡାକ୍ତର ପୋଷ୍ଟିଂ ପରେ ନିୟମିତ ସୁବିଧା ମିଳିବ ବୋଲି କୁହାଯାଉଛି।

# ପୁରସ୍କାରପ୍ରାପ୍ତ ଏନ୍‌ଏସିରେ ପରିମଳ ବିପର୍ଯ୍ୟସ୍ତ

**ଭଞ୍ଜନଗର,୧୧।୧୦(ଡି.ଏନ.ଏ)**

୧୯୭୪ ମାର୍ଚ୍ଚ ୧୬ରେ ରାଜ୍ୟ ସରକାରଙ୍କ ଚିଠି ନଂ ୬୩୭୩ ଅନୁସାରେ ବେଲଗୁଣ୍ଠା ଏନ୍‌ଏସି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୬ଟି ରାଜସ୍ୱ ଗ୍ରାମ ଯଥା ବେଲଗୁଣ୍ଠା, ବାଲିଡ଼ି, ବି.କେ.ଶରଣପୁର, ଧନିଜାପଲ୍ଲୀ, ରମୁଣିପାଟଣା ଓ ଭଗବତୀପାଟଣାକୁ ନେଇ ଏନଏସି ଗଠନ ହୋଇଥିଲା। ବର୍ତ୍ତମାନ ୧୩ଟି ୱାର୍ଡ଼କୁ ନେଇ ଗଠିତ ଏନଏସିରେ ୨୦୧୧ ଜନଗଣନା ଅନୁସାରେ ୧୧,୨୯୭ ଲୋକ ବସବାସ କରୁଛନ୍ତି। ପିତଳ ମାଛ ପାଇଁ ବେଲଗୁଣ୍ଠା ସହର ବିଶ୍ୱରେ ପରିଚିତ। ଏଥିସହ ଭଞ୍ଜ ରାଜବଂଶ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଲକ୍ଷ୍ମୀ ନୃସିଂହ ମନ୍ଦିର ମଧ୍ୟ ସହରର ଅନ୍ୟତମ ପରିଚୟ। ଏହା ମଧ୍ୟରେ ବେଲଗୁଣ୍ଠା ସହର ଆଉ ଏକ ନୂଆ ପରିଚୟ ପାଇଛି। କେନ୍ଦ୍ର ସରକାର ଗତ ୧ ତାରିଖରେ ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବେଲଗୁଣ୍ଠା ସହରକୁ ପୂର୍ବ ଭାରତରେ ସ୍ୱଚ୍ଛତା ପାଇଁ ପୁରସ୍କୃତ କରିଛନ୍ତି। ନିର୍ବାହୀ ଅଧିକାରୀ ଏବଂ ଏନଏସି ଅଧକ୍ଷ ପୁରସ୍କାର ଧରି ଫେରିବା ପରେ ବେଲଗୁଣ୍ଠାରେ ଏକ ଶୋଭାଯାତ୍ରା ହୋଇଥିଲା। ବିଶେଷକରି ଶାସକ ଦଳର କର୍ମୀମାନେ ବେଶ୍ ଉତ୍ସାହିତ ହୋଇଥିଲେ। ୨୦୧୪ରୁ ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ସହର ଗୁଡ଼ିକୁ ବିଭିନ୍ନ ବର୍ଗରେ ପୁରସ୍କୃତ କରାଯାଉଛି।

## ପୂର୍ବ ଭାରତରେ ବେଲଗୁଣ୍ଠାକୁ ସ୍ୱଚ୍ଛ ସହର ପୁରସ୍କାର ମିଳିଥିଲା



ଏନ୍‌ଏସି ପଛପଟ ପୋଖରୀରେ ପଲିଥିନ ଓ ଆବର୍ଜନା ଭର୍ତ୍ତି ହୋଇଛି।

୨୦୧୪ରେ ପ୍ରଥମ ଥର ପାଇଁ ସ୍ୱଚ୍ଛ ଭାରତ ମିଶନ ପୁରସ୍କାର ପାଇଁ ୭୦ଟି ସହରରେ ସର୍ବେକ୍ଷଣ ହୋଇଥିଲା। ପ୍ରତିବର୍ଷ ଏଭଳି ସର୍ବେକ୍ଷଣ ହେଉଛି। ଗତବର୍ଷ ଦେଶର ୪,୦୫୪ଟି ସହରରେ ୭୦୦୦ ମାର୍କକୁ ନେଇ ଏହି ସର୍ବେକ୍ଷଣ ହୋଇଥିଲା। ଏଥିରେ ବେଲଗୁଣ୍ଠା ଏନଏସିକୁ ପ୍ରଥମ ପୁରସ୍କାର ମିଳିଛି। ପୁରସ୍କାର ମିଳିବା ପୂର୍ବରୁ ସହରର ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ଯେତିକି ଗୁରୁତ୍ୱ ଦିଆଯାଉଥିଲା ବର୍ତ୍ତମାନ ତାହା ଦେଖିବାକୁ ମିଳୁନାହିଁ। ସହରର ନିର୍ଦ୍ଦିଷ୍ଟ କେତକ ରାସ୍ତା କଡ଼ରେ ଅଧିକାଂଶ ସମୟ ଆବର୍ଜନା ପଡ଼ି ରହୁଥିବା ଲକ୍ଷ୍ୟ କରାଯାଉଛି। ଏନଏସି ପଛପଟ ପୋଖରୀ, ରାସ୍ତା କଡ଼ରେ କେତକ ସ୍ଥାନରେ ପ୍ଲାଷ୍ଟିକ୍,ପଲିଥିନ ଭରିରହିଛି। ଗୋରୁ ହାଟ ପଡ଼ିଆ ସମ୍ମୁଖ ଡ୍ରେନରେ ମଇଳା ପାଣି ଠିକ୍ ଭାବେ ନିଷ୍କାଷିତ ହେଉନାହିଁ। ମଇଳା ପାଣି ବହୁ ସମୟ ରହିବା ଦ୍ୱାରା ଉକ୍ତ ମଇଳା ପାଣି ପ୍ରବଳ ଗନ୍ଧୁଛି। ହାଟ ସମ୍ମୁଖରେ ବସ୍‌ଷ୍ଟାଣ୍ଡ ଥିବା ଯୋଗୁ ସେଠାରେ ଲୋକଙ୍କ ଅଧିକାଂଶ ସମୟ ଭିଡ଼ ରହୁଛି। ଉକ୍ତ ଗନ୍ଧକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସହରରେ ନିୟମିତ ସଫେଇ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ପଲିଥିନ ଗୁଡ଼ିକୁ ବାହାର କରିବା ଉପରେ ବିଶେଷ ଧ୍ୟାନ ଦିଆଯାଉନାହିଁ। ବ୍ଲକ ଛକରେ ଥିବା ଯାତ୍ରୀ ବିଶ୍ରାମଗାର ନିକଟରେ ମଦ ବୋତଲ ଭାସୁଛି। ଏନେଇ ବେଲଗୁଣ୍ଠା ମୁଖ୍ୟ ସଡ଼କ ବାସିନ୍ଦା ତଥା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତିଯେ ଏନଏସିର ପ୍ରଚାର ଅଧିକ କାମ ଶୂନ। ଚୟନ କମିଟିକୁ ହାତ କରି ପୁରସ୍କାର ଅଣାଯାଇଛି। ସହରର ଧୋବା ସାହି, ରାଜିପଲ୍ଲୀ, ଧନିଚାପଲ୍ଲୀ, ଚଷା ସାହି, ହାଟ ଅଚଂଳ, ବ୍ଲକ ରାସ୍ତା ପ୍ରମୁଖ ଅଚଂଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉକ୍ତ ଅଞ୍ଚଳ ଗୁଡ଼ିକରେ ନିୟମିତ ସଫେଇ ହେଉନାହିଁ।

ସେହିଭଳି ବାଲିପଦର ରୋଡ଼ ବାସିନ୍ଦା ପି.ସି ମହାପାତ୍ର କହିଛନ୍ତି, ବେଲଗୁଣ୍ଠା ସହରକୁ ଦେଶବାସୀ ଜାଣିଲେ ତାହା ଗୌରବର ବିଷୟ। ପୂର୍ବ ଅପେକ୍ଷା ସହରର ପରିମଳ ବ୍ୟବସ୍ଥା ଏବଂ ରାସ୍ତା, ବିଜୁଳି ସେବା ବହୁତ ଭଲ ଅଛି। ଯାହାକି ସହରବାସୀଙ୍କ ପାଇଁ ଗର୍ବର ବିଷୟ। ନିର୍ବାହୀ ଅଧିକାରୀ ରାକେଶ କୁମାର ପାତ୍ର କହିଛନ୍ତି, ସରକାରଙ୍କ ନୀତି ନିୟମ ଅନୁଯାଇ ଆମେ ପୁରସ୍କାର ପାଇଛୁ। ସହରର ପରିମଳ ବ୍ୟବସ୍ଥା ଠିକ ଅଛି। ସହରକୁ ଆହୁରି ସୁନ୍ଦର ଭାବେ ଗଢ଼ିତୋଳିବା ପାଇଁ ପ୍ରୟାସ ଚାଲିଛି। ଏନଏସି ପଛପଟ ପୋଖରୀକୁ ଆଧୁନିକିକରଣ କରିବା ପାଇଁ ପ୍ରକ୍ରିୟା ଚାଲିଛି। ଆଗାମୀ ଦିନରେ ଉକ୍ତ ପୋଖରୀ ସହରର ସୁନ୍ଦର ପୋଖରୀ ହେବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

# ଉର୍ମିଳା ଗଞ୍ଜାମ ମହିଳା ବିଜେଡି ସଭାନେତ୍ରୀ



**ଗଞ୍ଜାମ,୧୧।୧୦(ଡି.ଏନ.ଏ.)**

ଛତ୍ରପୁର ନିର୍ବାଚନ ମଣ୍ଡଳୀର ଗଞ୍ଜାମ ଏନ୍‌ଏସି ମହିଳା ସଭାନେତ୍ରୀ ଭାବେ ପୁଣି ଉର୍ମିଳା ପଲାଇ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କୁ କୃତଜ୍ଞତା ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବି ବୋଲି ମହିଳା ସଭାନେତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପ୍ରକାଶ ଯୋଗ୍ୟ, ମହିଳା ସଭାନେତ୍ରୀ ପଲାଇ ଦୁଇ ଦୁଇ ଥର ଏନ୍‌ଏସି ଅଧକ୍ଷା ଓ ଉପାଧକ୍ଷା ଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ମୋ ଉପରେ ଯେଉଁ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ଦେଇଛନ୍ତି ମୁଁ ତାହା ସୁଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବେ ବୋଲି ସେ ସୂଚନା ଦେଇଛନ୍ତି।

# ବିଭିନ୍ନ ମାମଲାରେ ୧୧ ଅଭିଯୁକ୍ତ କୋର୍ଟ ଚାଲାଣ

**ପୋଲସରା,୧୧।୧୦(ଡି.ଏନ.ଏ.)**

ପୋଲସରା ଥାନା ପୋଲିସ ବିଭିନ୍ନ ମାମଲାରେ ୧୧ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲସରା ଥାନା ଅନ୍ତର୍ଗତ ଭାବରଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣାରେ ଜଣେ ଯୁବକକୁ ପୋଲିସ ଗିରଫ କରିଛି। ଏ ନେଇ ଭାବରଡ଼ା ଗ୍ରାମର ଶିବ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ ବେହେରା ପୋଲସରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୩୨୨/୨୨ରେ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଟୁଟୁ ସ୍ୱାଇଁଙ୍କୁ ଗିରଫ କରିଥିଲା। ସେହିପରି ପୋଲସରା ଏନ୍‌ଏସିର ମଠ ସାହିରେ ବାଣ ଫୁଟାଇବାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣରେ ମଠ ସାହିର ସଞ୍ଜୟ ପ୍ରଧାନ ଆହତ ହୋଇଥିଲେ। ଆହତ ଯୁବକଙ୍କ ପରିବାର ଲୋକଙ୍କ ଏତଲା କ୍ରମେ ପୋଲସରା ପୋଲିସ ୪୨୩/୨୨ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ୮ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଭାବରଡ଼ା ଗ୍ରାମରେ ଯୌତୁକଜନିତ ଆକ୍ରମଣ ଘଟଣାରେ ସ୍ତ୍ରୀ ସୁକାନ୍ତି ନାହାକଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୪୨୦/୨୨ ଅନୁଯାୟୀ ସ୍ୱାମୀ ପଦ୍ମନାଭ ନାହାକଙ୍କୁ ଗିରଫ କରିଛି। ଚୋରା ମଦ ବିକ୍ରି ଅଭିଯୋଗରେ ନଂ.୪୨୫/୨୨ରେ ଅରୁଣ ପଲେଇଙ୍କୁ ପୋଲିସ ଗିରଫ କରିଛି ବୋଲି ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।




# ଜାତୀୟ ବନ୍ଧୁକଚାଳନା ସ୍ୱର୍ଣ୍ଣପଦକ ବିଜୟୀ ସମ୍ବର୍ଦ୍ଧିତ

**ବ୍ରହ୍ମପୁର ଅଫିସ,୧୧।୧୦**

- ସିଟି ମହାବିଦ୍ୟାଳୟ
- ଆଣ୍ଟି ରାଗିଂ ସଚେତନତା, ସାଇବର କ୍ରାଇମ୍ କର୍ମଶାଳା

ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଆମ୍ବପୁଆ ସିଟି ମହାବିଦ୍ୟାଳୟରେ ମଙ୍ଗଳବାର ଆଣ୍ଟି ରାଗିଂ ସଚେତନତା ଓ ସାଇବର କ୍ରାଇମ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ.ଅନିତା କୁମାରୀ ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡ.ଶ୍ରବଣ ବିବେକ ଏମ୍. ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଆଣ୍ଟି ରାଗିଂ ସେଲ୍ ସଂଯୋଜକ ତଥା ଇତିହାସ ବିଭାଗ ଅଧାପକ ଡ.ପ୍ରକାଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ରାଗିଂର ଭୟାବହତା ସମ୍ପର୍କରେ କହିଥିଲେ। ରାଗିଂରୁ ବର୍ତ୍ତିବା ଓ ଏହାକୁ ରୋକିବା ନିମନ୍ତେ ଥିବା କଡ଼ା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଅଖିଳ ଭାରତୀୟ ସ୍ଥଳସେନା ବନ୍ଧୁକ ଚାଳନା କ୍ୟାମ୍ପରେ ସ୍ୱର୍ଣ୍ଣ ପଦକ ବିଜୟୀ ମହାବିଦ୍ୟାଳୟ ଯୁକ୍ତ ୩ କଳା ଦ୍ୱିତୀୟ ବର୍ଷ ଛାତ୍ର ଏନ୍‌ସିସି କ୍ୟାଡେଟ ଶିବା ନାଏକଙ୍କୁ ପୁଷ୍ପଗୁଚ୍ଛ ଦେଇ ସେ ସମ୍ବର୍ଦ୍ଧିତ କରିଥିଲେ। ଏନ୍‌ସିସି ଅଧିକାରୀ ଲ୍ୟୁଟନାଣ୍ଟ ମେଘନାଦ ପ୍ରଧାନଙ୍କ ସମେତ ସମସ୍ତ ଅଧାପକ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ରଖିବାକୁ ଚେଷ୍ଟା କରୁଛନ୍ତି ସରକାର

## ତିତ୍‌ଲି ବାତ୍ୟାକୁ ୪ ବର୍ଷ

**ପାରଳାଖେମୁଣ୍ଡି, ୧୧।୧୦(ଡି.ଏନ୍.ଏ.)**

ତିତ୍‌ଲି ମହାବାତ୍ୟାର ସେହି କାଳରାତ୍ରିକୁ ବିତିଛି ଚାରି ବର୍ଷ। ଏବେ ବି ଶିହରଣ ହୋଇଉଠେ ପ୍ରକୋପର କରାଳ ରୂପକୁ ସ୍ମରଣ କଲେ। ଜୀବନ ବଞ୍ଚାଇବାକୁ ଆଶ୍ରୟ ନେଇଥିବା ପଥର ଗୁମ୍ଫା ସହ ପାହାଡ଼ ଧସି ଅକାଳରେ ଯାଇଥିଲା ୧୬ ଜୀବନ। ପରେ ପ୍ରଶାସନ ପହଞ୍ଚି ବାହାର କରିଥିଲା ମୃତଦେହ। ମୁଖ୍ୟମନ୍ତ୍ରୀଙ୍କଠାରୁ ମୁଖ୍ୟ ଶାସନ ସଚିବ ପର୍ଯ୍ୟନ୍ତ ସମସ୍ତେ ଘଟଣାସ୍ଥଳରେ ପହଞ୍ଚି ସମବେଦନା ଜଣାଇବା ସହ କ୍ଷତିଗ୍ରସ୍ତଙ୍କୁ ସହାୟତା ଘୋଷଣା କରିଥିଲେ। ବାତ୍ୟା ପୂର୍ବାଭାସ ସତର୍କତା ସତ୍ତ୍ୱେ ପ୍ରକୃତିର ପ୍ରକୋପ ଆଗରେ ସେଦିନ ହାରମାନିଥିଲା ସରକାରଙ୍କ ଜିରୋ କାଜୁଆଲିଟିର ପ୍ରୟାସ। ଘଟଣା କିଛି ଏମିତି ଥିଲା, ୨୦୧୮ ଅକ୍ଟୋବର ୧୦ରେ ତିତ୍‌ଲି ଗଜପତି ଜିଲାରେ ତାଣ୍ଡବ ରଚିଥିଲା। ଦେଖୁ ଦେଖୁ କେଇ ଘଣ୍ଟାରେ ସବୁ ଛାରଖାର କରିଦେଇଥିଲା, ରାତିତମାମ ପବନ ସାଙ୍ଗକୁ ଲଗାଣ ବର୍ଷା ହେବାରୁ ସମତଳ ଆଉ ସହରିଆ ଅଞ୍ଚଳରେ ପାଣି ଜମିବା ସହ ବନ୍ୟା ପରିସ୍ଥିତି ଉପୁଜିଥିଲା। ଯୁଆଡେ ଦେଖିଲେ ଉପୁଡି ପଡ଼ିଥିଲା ବଡ ବଡ ଗଛ, ବିଦ୍ୟୁତ୍ ଖୁଣ୍ଟ । ସବୁଆଡେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସକାଳୁ ସକାଳୁ ସହର ଓ ଆଖପାଖ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବନ୍ୟାରେ ସହର ତଳି ଅଞ୍ଚଳରେ ଘରେ ପାଣି ପଶିଯିବାରୁ ଫସି ରହିଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିସହ ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳ ରାୟଗଡ଼ା ବ୍ଲକ ଗଙ୍ଗାବାଡ ପଞ୍ଚାୟତର ପାହାଡ ଧସି ଏକାଧିକ ଲୋକଙ୍କ ଜୀବନ ଯାଇଥିଲା, ସରକାରଙ୍କ ଜିରୋ କାଜୁଆଲିଟି ମିଶନ ସଫଳ ହୋଇଥିବା ଘୋଷଣା ସରିଥିଲା, ମାତ୍ର ପାହାଡ ଧସି ଏକାଧିକ ଲୋକଙ୍କ ମୃତ୍ୟୁଖବର ରାଜ୍ୟରେ ଚହଳ ପକାଇଥିଲା। ପରବର୍ତ୍ତୀ ସମୟରେ ପାହାଡ ଉପରେ ବସବାସ କରୁଥିବା ଆଦିବାସୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଥିଲେ ସରକାର। ସାତୋଟି ସ୍ଥାନରେ ୬୦୦ ପରିବାରକୁ ଥଇଥାନ ପାଇଁ ଆରମ୍ଭ ହେଲା ଗୃହ ନିର୍ମାଣ କାର୍ଯ୍ୟ। ଅଧିକାଂଶ ପରିବାର ସ୍ଥାନାନ୍ତର ହୋଇଥିବା ବେଳେ କିଛି ଆନୁଷଙ୍ଗିକ ବ୍ୟବସ୍ଥା ଏବେ ବି ବାକି ରହିଛି। ଜୀବନ ଜୀବିକା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନର ବ୍ୟବସ୍ଥା ସ୍ୱାଭାବିକ ହୋଇଛି। ତଥାପି ନୂତନ ଭାବରେ ନିର୍ମିତ ହୋଇଥିବା ଗ୍ରାମକୁ ପକ୍କା ସଡ଼କ ଓ ବିଦ୍ୟାଳୟର ବ୍ୟବସ୍ଥା ହୋଇପାରି ନାହିଁ। କେତେଜ ଗ୍ରାମବାସୀ ଜୀବିକା ସହ ଜଡ଼ିତ ଥିବାରୁ ପୂର୍ଣ୍ଣମାତ୍ରାରେ ସ୍ଥାନାନ୍ତର ହୋଇ ପାରିନାହାନ୍ତି। ଜୀବିକା ନିର୍ବାହ ପାଇଁ ଚାଷ ଜମି ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ସେମାନେ ଅନୁରୋଧ କରିଥିବା ବେଳେ ତାହା ଏ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇ ନାହିଁ। ତେବେ ଜିଲାରେ ଏହିପରି ଅନେକ ଗାଁ ପର୍ବତ ଶିଖରରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ବର୍ଷା, ବାତ୍ୟା ଭଳି ବିପଦ ସୂଚନା ଜାରିହେଲେ ସେମାନଙ୍କୁ ବାରମ୍ବାର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି।



## ସଂକ୍ଷେପରେ

### ରାଜପଥରେ ମୋବାଇଲ ଲୁଟେରା ସକ୍ରିୟ

ପାଣିକୋଇଲି,୧୧।୧୦(ଡି.ଏନ.ଏ.): ୧୬ନଂ. ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗରଠାରୁ ସାହାପୁର ମଧ୍ୟରେ ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ବିଶେଷ କରି ମହିଳାଙ୍କୁ ନେଇ ଯାଉଥିବା ବାଇକ୍ ଚାଳକଙ୍କଠାରୁ ମୋବାଇଲ ଛଡାଇବା ନିତିଦିନିଆ କାର୍ଯ୍ୟରେ ପରିଣତ ହୋଇଛି। ରାଜପଥ ପାଟ୍ରୋଲିଂ ପୋଲିସ ଆଖିରେ ଧୂଳି ଦେଇ ଲୁଟେରା ଏହି କାର୍ଯ୍ୟ କରୁଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପାଣିକୋଇଲି ଥାନା ଅନ୍ତର୍ଗତ ମୁଲରୀ ଗ୍ରାମର ଦିଲୀପ କୁମାର ପୁରୀ ତାଙ୍କ ମା'ଙ୍କୁ ଏକ ବାଇକରେ ନେଇ ଖଣ୍ଡିତର ଅଭିମୁଖେ ଯାଉଥିବା ବେଳେ ଟିକର ନିକଟରେ ଏକ କଳାପଲସରରେ ୨ ଯୁବକ ଆସି ତାଙ୍କ ପକେଟରୁ ମୋବାଇଲ ଛିନତାଇ କରି ପଳାଇଥିଲେ। ଏନେଇ ଦିଲୀପ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

### ଟ୍ରକ୍ ବେଟେରି ଚୋରି ଅଭିଯୋଗରେ ଜଣେ ଗିରଫ

ପାଣିକୋଇଲି,୧୧।୧୦(ଡି.ଏନ.ଏ.): ଟ୍ରକ୍ ବ୍ୟାଟେରି ଚୋରି ଅଭିଯୋଗରେ ପାଣିକୋଇଲି ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ସରପଦା ଗ୍ରାମର ଚିତ୍ତରଞ୍ଜନ ଷଣ୍ଢ(୩୫)। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ଗ୍ରାମର ମିର୍ଜ୍ଜା ହବିବୁଲ୍ଲା ବେଗଙ୍କ ୧୪ ଚକିଆ ଟ୍ରକ (ଓଆର-୦୪-ଏନ-୪୪୪୯)ଭଦ୍ରକ ଯାଉଥିବା ସମୟରେ ପାଣିକୋଇଲି ଥାନା ଅନତିଦୂରରେ ଚାଳକ ରାସ୍ତା କଡରେ ଟ୍ରକ ରଖି ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଚିତ୍ତରଞ୍ଜନ ଆସି ଟ୍ରକରୁ ବେଟେରି ଚୋରି କରି ନେଉଯାଉଥିଲେ। ନିକଟସ୍ଥ ଦୋକାନୀ ଏହା ଦେଖି ତାଙ୍କୁ କାବୁ କରିବା ପରେ ପୋଲିସ ଜିମା ଦେଇଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୨୩୧/୨୨ ରୁଜୁ ହୋଇଛି।

### ଟ୍ରକ୍ ଚାଳକଙ୍କୁ ପିଟିଲେ କାର୍ ଚାଳକ

ପାଣିକୋଇଲି,୧୧।୧୦(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟୋଲ୍‌ଗେଟ ନିକଟରେ କାର ଏବଂ ଟ୍ରକ୍ ମଧ୍ୟରେ ଦୁର୍ଘଟଣାକୁ ନେଇ କାର୍ ଚାଳକ ଟ୍ରକ୍ ଚାଳକଙ୍କୁ ମାଡ଼ ମାରିଛନ୍ତି। ଫଳରେ ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଏକ ୧୪ ଚକିଆ ଟ୍ରକ ଗଦି ବୋଝେଇ କରି ଖଡ଼ଗପୁରରୁ କଟକ ଅଭିମୁଖେ ଆସୁଥିବା ବେଳେ ଟୋଲଗେଟ ନିକଟରେ ଚାଳକ ଟୋଲଦେୟ ଦେବା ନିମନ୍ତେ ଗାଡ଼ିର ଗତି ଧୀର କରିଥିଲେ। ଏହି ସମୟରେ ଏକ କାର୍ ରାଇରଙ୍ଗପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଦ୍ରୁତ ଗତିରେ ଆସି ଟ୍ରକର ବାମ ପଟେ ପିଟି ହୋଇଥିଲା। ଏହାପରେ କାର ଚାଳକଙ୍କ ସହ କାର ମଧ୍ୟରେ ଥିବା ଜଣେ ମହିଳା ଓ ୨ ପୁରୁଷ ବ୍ୟକ୍ତି ଆସି ଟ୍ରକ ଚାଳକଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ ପୋଲିସକୁ ଖବର ଦେଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ଉଭୟ ଗାଡ଼ିର ଚାଳକଙ୍କୁ ଥାନାକୁ ନେଇଥିଲେ। ଥାନାରେ ମାମଲା ସମାଧାନ ହୋଇଥିବା ଜଣାପଡ଼ିଛି।

### ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ପାଣିକୋଇଲି, ୧୧।୧୦(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୋଳେଇପୁର ଛକ ମହିନ୍ଦ୍ରା ଶୋରୁମ ନିକଟରେ ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା ଘଟିଛି। ଫଳରେ ସମ୍ପୃକ୍ତ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଜାରକା ଅଞ୍ଚଳର ବିଶ୍ୱଭୂଷଣ ସାହୁ ଯାଜପୁରରୋଡରୁ ନିଜ ଘର ଜାରକାକୁ ବାଇକରେ ଫେରୁଥବା ସମୟରେ ଗୋଳେଇପୁର ଛକ ନିକଟସ୍ଥ ମହିନ୍ଦ୍ରା ଶୋରୁମ ନିକଟରେ ରଙ୍ଗରୁଟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ସ୍ଥାନୀୟ ତେଲିଆ ଗ୍ରାମର ମାନସ ମହାପାତ୍ରଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପାଟ୍ରୋଲିଂ ପୋଲିସ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ବୈତରଣୀରୁ ପୁଣି ଅବାଧ ବାଲି ଚାଲାଣ

ଯାଜପୁର ଅଫିସ,୧୧।୧୦

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ସାଆଁଳାଠାରୁ ମୂଳାପାଳ ପର୍ଯ୍ୟନ୍ତ ବେଆଇନ ବାଲି ଉତ୍ତୋଳନ ଚାଲିଛି । ଜନବସତି ଦେଇ ଭାରିଯାନ ଚଳାଚଳ ଅଣାୟତ୍ତ ହୋଇଛି। ଏହାର ପ୍ରତିବାଦରେ ପ୍ରଭାବିତ ଗ୍ରାମବାସୀଙ୍କ ସମେତ କୋରେଇ ସଂଗ୍ରାମ ସମିତି ବହୁଥର ଆନ୍ଦୋଳନ କରିଥିଲେ ବି କୌଣସି ସଫଳତା ମିଳିନାହିଁ। ଏବେ ଖୋଦ ସରକାରୀସ୍ତରରେ ତଥା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଉକ୍ତ ସମସ୍ୟାର ନିରାକରଣ ପାଇଁ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ସହାୟତା ଲୋଡା ଯାଇଛି। ଏହି ମର୍ମରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଅଧିକାରୀ ଆରଡି ରାସ୍ତାଠାରୁ ସାଆଁଳା ଏବଂ ବନ୍ଧାଳୋଠାରୁ ସରସଦା ରାସ୍ତାରେ ଭାରିଯାନ ଚଳାଚଳ କରୁଥିବା ଯୋଗୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ନଷ୍ଟ ହେଉଛି ବୋଲି ଆଟିଓଙ୍କୁ ସୋମବାର ଦେଇଥିବା ପତ୍ରରେ ଦର୍ଶାଇଛନ୍ତି। ଏହାବାଦ୍ ମକୁନ୍ଦପୁର ପଞ୍ଚାୟତର ପ୍ରଭାବିତ ଗ୍ରାମବାସୀ ସୋମବାର ଏନେଇ ବ୍ୟାସନଗର ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ବେଆଇନ ବାଲି ଉତ୍ତୋଳନ ଏବଂ ଭାରିଯାନ ଚଳାଚଳ ବନ୍ଦ ନ ହେଲେ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।


ମୁକୁନ୍ଦପୁର-ବୈତରଣୀ ରୋଡରେ ଭାରିଯାନ ଚଳାଚଳ କରୁଛି ।

ପଞ୍ଚାୟତ ନିର୍ବାଚନ ପରେ ଏହି ବାଲି ଚାଲାଣ ଅପେକ୍ଷାକୃତ ବଢିବାରେ ଲାଗିଛି। ଲିଜ୍‌ଧାରୀମାନେ ଅନୁମୋଦନ ପରିମାଣଠାରୁ ପ୍ରୋକଲିନ ମେଶିନ ସହାୟତାରେ ଅଧିକ ବାଲି ଉତ୍ତୋଳନ, ବିନା ଟ୍ରାନ୍‌ଜିଟ୍ ଫର୍ମରେ ବାଲି ପରିବହନ ଓ ବିକ୍ରୀ କରୁଛନ୍ତି। ତହସିଲ ପକ୍ଷରୁ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ବିରୋଧରେ ଲିଜ୍‌ପଟ୍ଟା ରଦ୍ଦ, ବେଆଇନ ଉତ୍ତୋଳନ ହେଉଥିବା ବାଲିର ପରିମାଣ, ଚୋରା ଚାଲାଣକାରୀଙ୍କ ଗାଡ଼ି ଜବତ, ଜରିମାନା ଆଦାୟ ଆଦି ନୈରାଶ୍ୟଜନକ ହେଉଛି। ବରଂ ତହସିଲ ପ୍ରଶାସନ ଏହି କାରବାରରେ ଏକ ପ୍ରକାର ସହଯୋଗୀ ସାଜିଥିବା ଅଭିଯୋଗ ହେଉଛି। ଏନେଇ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଗତ ମେ'ମାସରୁ ଆନ୍ଦୋଳନ ଜାରି ରହିଛି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ସମିତି କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇ ଚୁପ୍ ହୋଇ ବସିଛି। ସମିତିର କର୍ମକର୍ତ୍ତା ବି ସେହି ପ୍ରତିଶ୍ରୁତି ଅପେକ୍ଷାରେ ରହିଛନ୍ତି। ହେଲେ ପ୍ରଶାସନ ବେଆଇନ ଲିଜ୍‌ଧାରୀଙ୍କ ସହିତ ସଲାସୁତୁରା କରି ସମସ୍ତ ଆଇନକାନୁନକୁ ସେହି ବାଲି ତଳେ ପୋତି ଦେଉଥିବା ଅଭିଯୋଗ ହେଉଛି।

- ଆନ୍ଦୋଳନକୁ ବି ଅଣଦେଖା
- ସାଆଁଳା, ବନ୍ଧାଳୋ ରାସ୍ତାରେ ଭାରିଯାନ ଚଳାଚଳ
- ପ୍ରତିକାର ପାଇଁ ଆରଟିଓଙ୍କୁ ଆରଡି ବିଭାଗର ପତ୍ର
- ବେଆଇନ ବାଲି ଉତ୍ତୋଳନକୁ ପ୍ରଶାସନର ସହଯୋଗ

ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀରେ ୬ ବାଲିଘାଟକୁ ୫ ବର୍ଷିଆ ଲିଜ୍ ଦିଆଯାଇଛି। ଏଥିପାଇଁ ୧୩.୬୨ କୋଟି ଟଙ୍କାର ନିଲାମ ହୋଇଛି। ସାଆଁଳା-୨ ବାଲିଘାଟରେ ୨୮୪୩୦ ଘନମିଟର, ମୁକୁନ୍ଦପୁର-୧ ବାଲିଘାଟରୁ ୧୦୦୪୦ ଘନମିଟର, ସାଲବା ବାଲିଘାଟରୁ ୧୬୭୩୦ ଘନମିଟର, ରଣପାଳ ବାଲିଘାଟରୁ ୫,୫୨୦ ଘନମିଟର, ଧନତ୍ରୀ ବାଲିଘାଟରୁ ୯୬୮୦ ଘନମିଟର ଓ ନିଶଙ୍କପୁର ବାଲିଘାଟରୁ ୨୪,୭୯୫ ଘନମିଟର ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ଅନୁମତି ପତ୍ରରେ ପ୍ରୋକଲିନ ବ୍ୟବହାର ହୋଇ ପାରିବ ନାହିଁ ଏବଂ ମାନୁଆଲ ଭାବେ ଉତ୍ତୋଳନ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ହେଲେ ପ୍ରାୟ ସମସ୍ତ ବାଲିଘାଟରେ ଏବେ ୭ରୁ ୮ଟି ପ୍ରୋକଲିନ ବ୍ୟବହାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ନକଲି ଟ୍ରାନ୍‌ଜିଟ୍ ପାସରେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ପରିମାଣଠାରୁ ବହୁ ଗୁଣରେ ବାଲି ଉତ୍ତୋଳନ କରାଯାଇ ଗ୍ରାମ୍ୟ ରାସ୍ତାରେ ଭାରିଯାନରେ ପରିବହନ ହେଉଛି। ଯାହାକି ଗ୍ରାମ୍ୟ ନିର୍ମାଣ ବିଭାଗର ପତ୍ରରୁ ସ୍ପଷ୍ଟ ହୋଇଛି। ଯାଜପୁର ଆରଟିଓଙ୍କୁ ଦେଇଥିବା ପତ୍ରରେ ନିର୍ବାହୀ ଯନ୍ତ୍ରୀ ଆହୁରି ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୧୦ଟନ୍‌ରୁ କମ୍ କ୍ଷମତାର ଗାଡ଼ି ଚଳାଚଳ କରାଯାଇ ପାରିବ। କିନ୍ତୁ ଏହି ରାସ୍ତାରେ ୧୦ଟନ୍‌ରୁ ଅଧିକ ଓଜନର ଗାଡ଼ି ଚଳାଚଳ କରୁଛି। ତେଣୁ ଏହାର ପ୍ରତିକାର ପାଇଁ ଭାରିଯାନ ଚଳାଚଳକୁ ବନ୍ଦ କରିବାକୁ ନିର୍ବାହୀ ଯନ୍ତ୍ରୀ ଅନୁରୋଧ କରିଛନ୍ତି।

## ଓଡ଼ଙ୍ଗ ବଜାରରେ ଗଜଲକ୍ଷ୍ମୀ ପୂଜା

ରସୁଲପୁର,୧୧।୧୦(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ବଜାରରେ ୫ମ ବାର୍ଷିକୀ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ମୁଖ୍ୟ ପୁରୋଧା ରାମଚନ୍ଦ୍ର ଓଝା ସସ୍ତ୍ରିକ ଆରତୀ ଓଝାଙ୍କ ନେତୃତ୍ୱରେ ଅଜିତ କର, ସାଗର ସ୍ୱାଇଁ, ଲଳିତ ବାରିକ, ଶୁଭମ ସର, ନିରଞ୍ଜନ ସାହୁଙ୍କ ସମେତ ୭ଜଣ କଳସଧାରୀ ବ୍ରାହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ଅଭିରାମ ପତି, ଉଦୟନାଥ ପଣ୍ଡା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।

ଯଜ୍ଞ କାର୍ଯ୍ୟ ଅବ୍ୟାହତି ପୂର୍ବରୁ କୁଣ୍ଡମଣ୍ଡଳ ପୂଜା, ଶୁଦ୍ଧିକରଣ, ପାରମ୍ପାରିକ ଭାବରେ ସୂର୍ଯ୍ୟ ପୂଜା, ଗୋ ପୂଜା, ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଗାୟତ୍ରୀ ଯଜ୍ଞ, ଗୀତା ଯଜ୍ଞ ଆଦି କରାଯାଉଛି। ପ୍ରତ୍ୟେହ ଯଜ୍ଞ ମଣ୍ଡପରେ ବିଭିନ୍ନ ଦେବଦେବୀ ଓ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ନିକଟରେ ୧୦୦୮ ଘୃତ ଆହୁତି ପ୍ରଦାନ କରାଯାଉଛି। ପୂଜା କାର୍ଯ୍ୟ ୩ଦିନ ଚାଲିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ପାଲା, ମେଲୋଡି, ଡ୍ୟାନ୍ସ ଡ୍ୟାନ୍ସ ଆଦି ଆୟୋଜିତ ହେଉଛି। ଏହା ଦର୍ଶକଙ୍କ ମନ ମୋହୁଛି। କମିଟି କାର୍ଯ୍ୟକର୍ତ୍ତା ମହେଶ୍ୱର ସର, ଲକ୍ଷ୍ମୀଧର ରାଉତ, ପର୍ଶୁରାମ ସ୍ୱାଇଁ, ଆରତ ପରିଡ଼ା, ରଞ୍ଜିତ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ଅମୂଲ୍ୟ ମହାନ୍ତି, ଚିତ୍ତରଞ୍ଜନ ଦାସ, ହୃଷୀକେଶ ପ୍ରଧାନ, ବିକ୍ରମ ଦାଶ, ବସନ୍ତ ସାହୁ, ପବିତ୍ର ନାୟକ, ଚୈତନ୍ୟ ଦାସ, ପ୍ରକାଶ ନାୟକ, ଅମୂଲ୍ୟ ପଣ୍ଡା, ହଗୁରୀ ସାହୁ, ଦୀପ୍ତିରଞ୍ଜନ ଶରଣ, ସଞ୍ଜୟ ପ୍ରଧାନ, ପ୍ରଶାନ୍ତ ସ୍ୱାଇଁ, ଅମୂଲ୍ୟ ଦାସ ଓ ଅରୁଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରୁଛନ୍ତି।



## ତହସିଲ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ, ୭ ଗାଡ଼ି ଜବତ

ଧର୍ମଶାଳା,୧୧।୧୦(ଡି.ଏନ.ଏ.): ଧର୍ମଶାଳା ତହସିଲ ଅଫିସ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ମଙ୍ଗଳବାର ୨ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଭାବେ କଳାପଥର ଓ ବାଲି ପରିବହନ କରୁଥିବା ୭ଗାଡ଼ି ଜବତ କରାଯାଇଛି। ଟମ୍ ପକ୍ଷରୁ ଭୋର ସମୟରେ ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲଠାରୁ କଳାପଥର ବୋଝେଇ ୨ଟି ମିନିଟ୍ରକ ଓ ଟ୍ରାକ୍ଟର ଜବତ କରି ନାକପୋଲ ଆରଆଇ ଅଫିସରେ ଅଟକ ରଖାଯାଇଛି। ସେହିପରି କାଏମାଠାରୁ ରମାପୁର ରାସ୍ତାର କୋତପୁରଠାରେ ୨ଟି କଳାପଥର ବୋଝେଇ ଟିପ୍ପର ଓ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଗାଡ଼ିଗୁଡିକୁ କୋତପୁର ଫାଣ୍ଡିରେ ରଖାଯାଇଛି। ଟିମ୍‌ରେ ତହସିଲ ସୁପରଭାଇଜର ନୀଳମଣି ବିଶ୍ୱାଳ, ରଞ୍ଜନ ବିଶ୍ୱାଳ, ଆର୍ଆଇ ଚନ୍ଦନ କୁମାର ସାହୁ, ଏଆର୍ଆଇ ଜଗବନ୍ଧୁ ଜେନା ଓ ନିର୍ମଳ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ତେବେ ଜବତ ଗାଡ଼ିଗୁଡ଼ିକଠାରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ ହେବ ବୋଲି ସୁପରଭାଇଜର ବିଶ୍ୱାଳ ସୂଚନା ଦେଇଛନ୍ତି।

## ନାଳକୁ ଡେଇଁ ନବବଧୂଙ୍କ ଆତ୍ମହତ୍ୟା

ବିଞ୍ଝାରପୁର/ପ୍ରୀତିପୁର,୧୧।୧୦(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପ୍ରୀତିପୁର ପଞ୍ଚାୟତର ଜଣେ ନବବଧୂ ନାଳକୁ ଡେଇଁ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଲେ ଗ୍ରାମର ବୀରକିଶୋର ଯେନାଙ୍କ ଝିଅ ମାନିନୀ। ସେ ମଙ୍ଗଳବାର ପୂର୍ବାହ୍ନରେ ଅଳକୁଣ୍ଡ-କପିଳା ସୀମାଚଉରି ପୋଲରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ହେଲେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ମାନିନୀ ୬ ମାସ ତଳେ ମାର୍କଣ୍ଡପୁର ପଞ୍ଚାୟତରେ ବିବାହ କରିଥିଲେ। ପରେ ପାଠ ପଢ଼ିବା ପାଇଁ ଆସି ବାପଘରେ ରହୁଥିଲେ। ସକାଳେ ଘରୁ କମ୍ପ୍ୟୁଟର କ୍ଲାସ ଯାଉଛନ୍ତି ବୋଲି କହି ଯାଇଥିଲେ। ହେଲେ ଠିକ ସମୟରେ ଫେରି ନ ଥିଲେ। ତେବେ ଝିଅର ଫେରିବାର ବିଳମ୍ବତାକୁ ନେଇ ବାପା ବୀରକିଶୋର ଖୋଜାଖୋଜି ଆରମ୍ଭ କରିଥିଲେ। ଏହାପରେ ମାନିନୀଙ୍କ ମୃତଦେହ ଅଳକୁଣ୍ଡ-କପିଳା ସିମାଚଉରି ପୋଲ ନିକଟରେ ଭାସୁଥିବା ଦେଖାଯାଇଥିଲା। ଖବରପାଇ ବିଞ୍ଝାରପୁର ପୋଲିସ ପହଞ୍ଚି ମାନିନୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଯାଦବ ମହାସଭା ପକ୍ଷରୁ ଶୋକସଭା

ସିଂହପୁର,୧୧।୧୦(ଡି.ଏନ.ଏ.): ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବଙ୍କ ବିୟୋଗରେ ବିଞ୍ଝାରପୁର ବ୍ଲକ ମଲିଆ ଗୋପବନ୍ଧୁ ମନ୍ଦିର ପ୍ରାଙ୍ଗଣରେ ଯାଦବ ମହାସଭାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ନାରାୟଣ ନାୟକଙ୍କ ସଭାପତିତ୍ୱରେ ସମ୍ପାଦକ କଲ୍ୟାଣ ଦାସ, ଶିକ୍ଷାବିତ ସଚ୍ଚିଦାନନ୍ଦ ଗୁରୁ, ନିରଞ୍ଜନ ଦାସ, ରବୀନ୍ଦ୍ରନାଥ ବେହେରା, ନାରାୟଣ ଦାସ, ସୁଧାକର ମହାକୁଡ଼, ଅଶୋକ ଦାସ, ଉତ୍ତମ ଦାସ, ସିଦ୍ଧାର୍ଥ ଗୁରୁ, ଉପେନ୍ଦ୍ର ଗୁରୁ, ଦିନବନ୍ଧୁ ଦାସ, ସରୋଜ ନାୟକ, ରତ୍ନାକର ମହାକୁଡ଼ ଓ ବସନ୍ତ ଦାସ ପ୍ରମୁଖ ଯୋଗଦେଇ ମୁଲାୟମଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍‌ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ


ନିଯୁକ୍ତି ପାଇଥିବା ମହିଳାମାନେ ।

### ୩୨ ଜଣ ମହିଳାଙ୍କୁ ନିଯୁକ୍ତି ମିଳିଲା

କଳିଙ୍ଗନଗର,୧୧।୧୦(ଡି.ଏନ.ଏ.) ଯୁବବର୍ଗଙ୍କ ଦକ୍ଷତାରେ ଉନ୍ନତି ଆଣିବା ଏବଂ ସେମାନଙ୍କୁ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟ ନେଇ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ ପକ୍ଷରୁ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଡେଲ୍ କ୍ୟାରିୟର୍ ସେଣ୍ଟର(ଏମ୍‌ସିସି) ସହଯୋଗରେ କଳିଙ୍ଗନଗର ଓ ଆଖପାଖ ଅଞ୍ଚଳର ୩୩ ଜଣ ମହିଳାଙ୍କୁ ଚଳିତବର୍ଷ ସେପ୍ଟେମ୍ବର ୨୧ରେ ତାମିଲନାଡୁର ହୋସୁରରେ ଥିବା ଟାଟା ଇଲେକ୍ଟ୍ରୋନିକ୍ସକୁ ୧୨ ଦିନିଆ ପ୍ରଶିକ୍ଷଣ ପାଇଁ ପାଇଁ ପଠାଯାଇଥିଲା। ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତକାର ଜରିଆରେ ସେମାନଙ୍କୁ ଚୟନ କରାଯାଇଥିଲା। ସଫଳତାର ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ କରିବା ପରେ ଚଳିତବର୍ଷ ଅକ୍ଟୋବର ୧୦ ରୁ ୩୨ ଜଣ ପ୍ରାର୍ଥୀ ହୋସୁରର ଟାଟା ଇଲେକ୍ଟ୍ରୋନିକ୍ସରେ ଟେକ୍‌ନିସିଆନ ଭାବେ ନିଯୁକ୍ତି ପାଇଛନ୍ତି। ସେହି ୩୨ ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣ ଟାଟା ଷ୍ଟିଲ୍ ବିସ୍ଥାପିତ ପରିବାରରୁ ଆସିଥିବା ବେଳେ ଅନ୍ୟ ୨୪ ପ୍ରାର୍ଥୀ କଳିଙ୍ଗନଗର ରଣଗୁଣ୍ଡି, ନଡ଼ିଆଭଙ୍ଗା, ଡୁବୁରି ଆଦି ଗ୍ରାମର ବୋଲି ସୂଚନା ମିଳିଛି। ଆଗାମୀ ଦିନରେ ଏଭଳି ପ୍ରଶିକ୍ଷଣ ପାଇଁ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପଠାଇ ସେମାନଙ୍କୁ ଶିଳ୍ପାନୁଷ୍ଠାନରେ କାମ କରିବା ପାଇଁ ପ୍ରସ୍ତୁତ କରାଯାଇପାରିବ ବୋଲି ଟାଟା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

## ଭାଜପାରେ ବିଜେଡି କର୍ମୀ

ଯାଜପୁର ସଦର,୧୧।୧୦(ଡି.ଏନ.ଏ.): ଯାଜପୁର ବ୍ଲକ ଭୁଇଁପୁର ପଞ୍ଚାୟତରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟା ଝୁନାରାଣୀ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ଜିଲା ସଭାପତି ଗୌତମ ରାୟଙ୍କ ଉପସ୍ଥିତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଜନିକାନ୍ତ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ମଣ୍ଡଳ ସଭାପତି ଜିତାମିତ୍ର ଦାସ, ମନ୍ମଥ ବରାଳ, ସୁଧାଂଶୁ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ସଂଗଠନକୁ ବୁଥସ୍ତରରୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସିଦ୍ଧି


@ ପୂଜା


@ ଶଶାଙ୍କ


@ ରାକେଶ


@ ସୂର୍ଯ୍ୟପ୍ରସାଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶହୀଦ ବାଜି ରାଉତଙ୍କ ବଳିଦାନ ଦିବସ



ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଉଛି।

ଜେନାପୁର,୧୧।୧୦(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦଦେଇପୁରଠାରେ ଶହୀଦ ବାଜି ରାଉତଙ୍କ ବଳିଦାନ ଦିବସ ଶହୀଦ ବାଜି ରାଉତ ସ୍ମୃତି ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ, ଦୀପ ଦାନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଶହୀଦ ବାଜି ରାଉତ ସ୍ମୃତି ସଂସଦ ଉପଦେଷ୍ଟା ଦେବବ୍ରତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥପ୍ରାନ୍ତ ସଭାରେ ସମ୍ପାଦକ ସିଦ୍ଧାର୍ଥ ମହାନ୍ତି, ସଭାପତି ଅଶ୍ୱିନୀ କୁମାର ଶତପଥୀ, ଓଡ଼ିଆ ଭାଷା ଗବେଷକ ସୌଭାଗ୍ୟ ରାଉତ ଓ ସାମାଜିକ କର୍ମୀ ପ୍ରଦୀପ ଶତପଥୀ ପ୍ରମୁଖ ଯୋଗଦେଇ ପୃଥିବୀର ସର୍ବକନିଷ୍ଠ ଶହୀଦଙ୍କୁ ସ୍ମରଣ କରିଥିଲେ। ଶହୀଦ ବାଜି ରାଉତ ସ୍ମାରକୀ ନିକଟରେ ବୃନ୍ଦାଦେଇପୁର ପ୍ରାଥମିକ ବିଦ୍ୟାଳୟର କୁନିକୁନି ପିଲା ବାଜି ରାଉତ ଅମର ରହେ ସ୍ଲୋଗାନ ଦେଇଥିଲେ। ବାଜି ରାଉତଙ୍କ ସଂକ୍ଷିପ୍ତ ଜୀବନୀ ସମ୍ପର୍କିତ ପୁସ୍ତକ ଓଡ଼ିଶାର ସମସ୍ତ ବିଦ୍ୟାଳୟ ପିଲା ପଢ଼ିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏଥିନିମନ୍ତେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶହୀଦ ବାଜି ରାଉତ ସ୍ମୃତି ସଂସଦ ଲିଖିତ ପ୍ରସ୍ତାବ ଦେବ ବୋଲି ନିଷ୍ପତ୍ତି ହୋଇଛି।

## ସଂକ୍ଷେପରେ

### କୃଷି,କୃଷକଙ୍କ ଉନ୍ନତି ଉପରେ ଗୁରୁତ୍ୱ

**ବ୍ଲକସ୍ତରୀୟ ଆତ୍ମା କମିଟିର ଦ୍ୱିତୀୟ ଅଧିବେଶନ**



**ଭାପୁର,୧୧।୧୦(ଡି.ଏନ.ଏ.):** ମଙ୍ଗଳବାର ପୂର୍ବାହ୍ନରେ ଭାପୁର ବ୍ଲକ ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଆତ୍ମା କମିଟିର ଅଧକ୍ଷ ଭରତ କୁମାର ବେହେରାଙ୍କ ଅଧକ୍ଷତାରେ ଦ୍ୱିତୀୟ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନ,ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜ ,ସହକାରୀ ମତ୍ସ୍ୟ ଅଧିକାରୀ ଅନୁପମା ମହାନ୍ତି,ପ୍ରାଣୀ ଚିକିତ୍ସକ ସୁଶାନ୍ତ କୁମାର ସାହୁ, ଉଦ୍ୟାନ କୃଷି ଅଧିକାରୀ ୟାସ୍ମିନ କୁମାର ଗୁଲନାଜ୍,ଓଏଲ୍ଏମ୍ ରେଣୁବାଳା ସାହୁ , ମିଶନଶକ୍ତି ଅଧିକାରୀ ଭାରତୀ ପଟ୍ଟନାୟକ, ମୃତ୍ତିକା ସଂରକ୍ଷଣ ଅଧିକାରୀ, ସହକାରୀ କୃଷି ଅଧିକାରୀଙ୍କ ସମେତ କୃଷି ଓ ବୈଷୟିକ ପରିଚାଳନା ସଂସ୍ଥାର ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇ ଏହି ଅଧିବେଶନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତି ୨ ମାସରେ ଥରେ ବ୍ଲକସ୍ତରୀୟ ଏହି କମିଟିର ବୈଠକ ଅନୁଷ୍ଠିତ ହେବ । କିପରି କୃଷକ ଓ ଅନ୍ୟାନ୍ୟ ହିତାଧିକାରୀମାନେ ବିଭିନ୍ନ ଯୋଜନା ମାଧମରେ ଉପକୃତ ହୋଇପାରିବେ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥିଲା । ଏଥିସହ ସମସ୍ତ ପାଣ୍ଠି କିପରି ସୁବିନିଯୋଗ ହୋଇପାରିବ ସେ ସମ୍ପର୍କରେ ମତାମତ ଗ୍ରହଣ କରାଯାଇଥିଲା । କୃଷି ବିଭାଗର ଯୋଜନାଗୁଡିକ କିଭଳି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା ।

### ଜିଲାପାଳଙ୍କ ଘରୋଇ କାମ କରୁଛନ୍ତି ହୋମ୍‌ଗାର୍ଡ

**ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲେ ଆଇନଜୀବୀ**

**ନୟାଗଡ଼ ଅଫିସ,୧୧।୧୦:** ନୟାଗଡ଼ ଜିଲାପାଳଙ୍କ ବାସଭବନରେ ହୋମଗାର୍ଡ ଅଇଁଠା ବାସନ ମାଜୁଛନ୍ତି ଓ ଲୁଗା ସଫା ଆଦି ଘରୋଇ କାମ କରୁଛନ୍ତି । ଆଜିର ଡିଜିଟାଲ ଯୁଗରେ ହୋମଗାର୍ଡଙ୍କୁ ଗୋଟି ଖଟାଇବା କେଉଁ ପ୍ରକାରର ଆଇନ । ଜିଲାପାଳଙ୍କ ବାସଭବନ ଯୋଗୁ ଏସ୍‌ପି ଚୁପ୍ ରହିଛନ୍ତି । ଏନେଇ ଆଇନଜୀବୀ ରଣଜିତ୍ ଦାଶ ନୟାଗଡ଼ ଏସ୍‌ପି, ମୁଖ୍ୟମନ୍ତ୍ରୀ, ମୋ ସରକାର, ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଜିଲାପାଳଙ୍କ ବାସଭବନରେ ଏପରି କାମ କରୁଥିବା ୧୨ଜଣ ହୋମଗାର୍ଡଙ୍କୁ ଅନ୍ୟତ୍ର ନିୟୋଜିତ କରି ଘଟଣାର ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି ।

# ୧୦ମାସ ପରେ ବି 'ଜୱାଦ୍' କ୍ଷତିପୂରଣ ମିଳିନି

**ନୟାଗଡ଼ ଅଫିସ,୧୧।୧୦**

- କୃଷି ସହାୟତାରୁ ସୁଧ ଖାଉଛନ୍ତି ତହସିଲ କର୍ତ୍ତୃପକ୍ଷ
- କେବଳ ଓଡ଼ଗାଁ ତହସିଲରେ ବଣ୍ଟନ ହୋଇଛି ପ୍ରଥମ ପର୍ଯ୍ୟାୟ ସହାୟତା
- ଚାଷୀ ଆନ୍ଦୋଳନକୁ ଅଣଦେଖା



ବନ୍ୟା, ବାତ୍ୟା, ମରୁଡ଼ି, ଅଦିନିଆ ବର୍ଷା ପରି ପ୍ରାକୃତିକ ବିପର୍ଯ୍ୟୟ ନୟାଗଡ଼ ଜିଲା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ୧୦ ମାସ ତଳେ ହୋଇଥିବା ବାତ୍ୟା ଜୱାଦର ସହାୟତା ରାଶି ଏଯାବତ ଚାଷୀମାନେ ପାଇ ନାହାନ୍ତି । ସେହି ସହାୟତା ଅର୍ଥରୁ ତହସିଲ କର୍ତ୍ତୃପକ୍ଷ ସୁଧ ଅସୁଲି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଜିଲାରେ କେବଳ ଓଡ଼ଗାଁ ତହସିଲଦାର ପ୍ରଥମ ପର୍ଯ୍ୟାୟ ସହାୟତା ରାଶି ବଣ୍ଟନ କରି ସେହି ଫାଇଲକୁ ଶୀତଳଭଣ୍ଡାରକୁ ଫୋପାଡ଼ି ଦେଇଛନ୍ତି ।

ବାତ୍ୟା ସହାୟତା ପାଇବା ପାଇଁ ଅଧିକାଂଶ ସମୟରେ ଚାଷୀ ଆନ୍ଦୋଳନ ହେଉଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହିଁ । ଏଣୁ ଧିରେ ଧିରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକୁଛି ।

ସୂଚନା ଅନୁଯାୟୀ, ଜିଲାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୩୫ ହଜାର ୫୮୮ ହେକ୍ଟର ଜଳସେଚିତ ଜମି ଓ ୬୪ ହଜାର ୨୨୯ ହେକ୍ଟର ଅଣଜଳସେଚିତ ଜମି ଏପରି ମୋଟ୍ ୯୯ ହଜାର ୮୧୭ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା । ୨୦୨୧ ସେପ୍ଟେମ୍ବର ସୁଦ୍ଧା ୯୦ ପ୍ରତିଶତ ଜମିରେ ବେଉଷଣ ବହୁ କଷ୍ଟରେ ସରିଥିଲା । ନିଅଣ୍ଟିଆ ବର୍ଷା ଯୋଗୁ ନୟାଗଡ଼ ଜିଲାରେ ସେପ୍ଟେମ୍ବରରେ ମରୁଡି ପରିସ୍ଥିତି ଦେଖା ଦେଇଥିଲା । ବେଉଷଣ ପରେ ଜମି ଫାଟି ଆଁ କରି ରହିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ନଭେମ୍ବରରେ ଅଦିନିଆ ବର୍ଷା ଓ ଡିସେମ୍ବର ପ୍ରଥମ ସପ୍ତାହର ବାତ୍ୟା ଜୱାଦ ଧାନ ଫସଲ ନଷ୍ଟ କରିଦେଲା । ଚାଷୀ ଧାନ ଅମଳ କରିଥିଲେ ମଧ୍ୟ ତାହା ଖାଦ୍ୟପଯୋଗୀ ନ ଥିଲା । ବାତ୍ୟା କ୍ଷୟକ୍ଷତିକୁ ଦେଖି ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ୫୦୭ କୋଟି ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ । ସେଥିରୁ ନୟାଗଡ଼ ଜିଲାକୁ ୧୨ କୋଟି ଟଙ୍କା ମିଳିଥିଲା ।

ଏନେଇ ନୟାଗଡ଼ର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ଜିଲାର ୮ବ୍ଲକରେ ଚାଷୀ ବାତ୍ୟା ଜୱାଦ ଯୋଗୁ କ୍ଷତିଗ୍ରସ୍ତ ହେଲେ । ହେଲେ କ୍ଷୟକ୍ଷତି ତାଲିକାରୁ ଖଣ୍ଡପଡ଼ା, ଦଶପଲ୍ଲା, ଗଣିଆ, ଭାପୁର ବ୍ଲକ୍ ବାଦ୍ ଦେବା ପଛରେ ରାଜନୀତି ଥିବା ପରି ଅନୁଭବ ହେଉଛି । ବାରମ୍ବାର ଚାଷୀ ଆନ୍ଦୋଳନ ପରେ ଖଣ୍ଡପଡ଼ା ବ୍ଲକକୁ ସାମିଲ କରାଗଲା ବୋଲି ଖଣ୍ଡପଡ଼ା ତହସିଲଦାର କହିଥିଲେ । ତେବେ କ୍ଷୟକ୍ଷତି ତାଲିକାରେ ଦଶପଲ୍ଲା ତହସିଲର ନାଁ ନାହିଁ । ପୁଣି ଚାଷୀଙ୍କୁ ବାତ୍ୟା କ୍ଷୟକ୍ଷତି ଦେବାକୁ ପ୍ରଶାସନ ୧୦ ମାସ ପରେ ବି ପଦକ୍ଷେପ ନେଉ ନାହିଁ । ଏଣୁ ଡିସେମ୍ବର ୨୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନେଇଛୁ । ରଣପୁରର ଶିଶିର ଭଞ୍ଜ କୁହନ୍ତି, ମୋ ୫ ଏକର ଧାନ ଫସଲ ନଷ୍ଟ ହୋଇଥିଲା । ହେଲେ ମୁଁ ସହାୟତା ରାଶି ପାଇନାହିଁ । ତହସିଲଦାର ଖୁବ୍‌ଶୀଘ୍ର ସହାୟତା ରାଶି ବଣ୍ଟନ ହେବ ବୋଲି କହୁଛନ୍ତି । ଓଡ଼ଗାଁର ଭାଗବତ ପରିଡ଼ା କୁହନ୍ତି, ଜିଲା ପ୍ରଶାସନ ୧୨ କୋଟି ଟଙ୍କା ସହାୟତା ରାଶି ବିଭିନ୍ନ ତହସିଲକୁ ପଠାଇ ସାରିଛନ୍ତି । ହେଲେ ଅଧିକାଂଶ ତହସିଲଦାର ଘରୋଇ ବ୍ୟାଙ୍କରେ ଚାଷୀଙ୍କ ଟଙ୍କା ରଖି ସୁଧ ଖାଉଛନ୍ତି । ଚାଷୀ ୧୦ ମାସ ପରେ ବି ସହାୟତା ରାଶି ପାଇ ନାହାନ୍ତି । ଦଶପଲ୍ଲାର ଦାମୋଦର ପ୍ରଧାନ,ଗଣିଆର ସୁଧାଂଶୁ ଶେଖର ଜେନା କୁହନ୍ତି, ଗଣିଆ, ଭାପୁର, ଦଶପଲ୍ଲା ଓ ଖଣ୍ଡପଡ଼ା ଜୱାଦରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ ଆମ ଚାଷୀମାନଙ୍କୁ ପ୍ରଶାସନ ଓ ସରକାର ଅଣଦେଖା କରିଛନ୍ତି । ଏଣୁ ଏନେଇ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ନୂଆଗାଁ ରବୀନ୍ଦ୍ର ବରାଡ କୁହନ୍ତି, ଚାଷୀଙ୍କ ଟଙ୍କାକୁ କାହିଁକି ତହସିଲଦାରମାନେ ବାଣ୍ଟୁ ନାହାନ୍ତି ସେନେଇ ଜିଲାପାଳ କୈଫତ ମାଗିବା ଦରକାର । ଜିଲା ପ୍ରଶାସନ ପକ୍ଷରୁ ଏନେଇ କାହିଁକି ସମୀକ୍ଷା କରାଯାଉନି ବୋଲି ପ୍ରଶ୍ନ କରିଛନ୍ତି। ନୟାଗଡ଼ର ଚାଷୀ ମନୋରଞ୍ଜନ ମିଶ୍ର କୁହନ୍ତି, ମୋର କିଛି ଜମି ଓଡ଼ଗାଁ ତହସିଲରେ ଅଛି । ସେଠାରେ ସହାୟତା ମୁଁ ପାଇଛି । ହେଲେ ନୟାଗଡ଼ ତହସିଲ ଅଞ୍ଚଳରେ ଥିବା ଜମିର କ୍ଷତିପୂରଣ ପାଇନି । ତହସିଲ ପକ୍ଷରୁ ଚାଷୀଙ୍କ ଟଙ୍କାକୁ ବ୍ୟାଙ୍କରେ ରଖି ଲାଭ ଖାଇବାର ଚିନ୍ତାଧାରା ଏବେ ବିଭିନ୍ନ ଅଞ୍ଚଳରେ ଅସନ୍ତୋଷର କାରଣ ପାଲଟିଛି ।

ଏ ସଂକ୍ରାନ୍ତରେ ଉପଜିଲାପାଳ ଲଗ୍ନଜିତ୍ ରାଉତ କୁହନ୍ତି, ପ୍ରଶାସନ ପକ୍ଷରୁ ଜୱାଦ କ୍ଷତିପୂରଣ ପଠାଇ ଦିଆଯାଇଛି । ତହସିଲଦାରମାନେ କାହିଁକି ସହାୟତା ରାଶି ବାଣ୍ଟୁ ନାହାନ୍ତି ସେନେଇ ଆଲୋଚନା କରି ପଦକ୍ଷେପ ନିଆଯିବ। ଚାଷୀମାନେ ଯେପରି ତୁରନ୍ତ ସହାୟତା ରାଶି ପାଇବେ ସେଥିପ୍ରତି ପ୍ରାଧାନ୍ୟ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ସିଦ୍ଧି



@ ପୂଜା



@ ଶଶାଙ୍କ



@ ରାକେଶ



@ ସୂର୍ଯ୍ୟପ୍ରସାଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା



ଧାରଣରେ ବସିଥିବା ଛାତ୍ରୀଛାତ୍ର ।

**ଗଣିଆ,୧୧।୧୦(ଡି.ଏନ.ଏ.)**

ଗତ ୩ ମାସ ହେବ ବିଦ୍ୟାଳୟରୁ ଶିକ୍ଷକମାନଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯାଉଛି । କେତେଜଣ ଶିକ୍ଷକଙ୍କୁ ବି ବଦଳି କରାଯାଇଛି । ଏଥିପାଇଁ ଆମ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି ଦର୍ଶାଇ ଛାତ୍ରୀଛାତ୍ରୀମାନେ ମଙ୍ଗଳବାର ଧାରଣା ଦେଇଛନ୍ତି । ନୟାଗଡ଼ ଜିଲା ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ ପାଣ୍ଡରାସିଙ୍ଗା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଅବ୍ୟବସ୍ଥାକୁ ଛାତ୍ରୀଛାତ୍ରମାନେ ସହଜରେ ଗ୍ରହଣ କରି ପାରିନାହାନ୍ତି । ଏହାର ପ୍ରତିବାଦରେ ବିଦ୍ୟାଳୟ ସମ୍ମୁଖରେ ସେମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୭ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଗତ ୩ ମାସ ମଧ୍ୟରେ ବିଦ୍ୟାଳୟର ୨ଜଣ ଶିକ୍ଷକଙ୍କୁ ୧୦ ଓ ୧୫ଦିନିଆ ଡେପୁଟେଶନରେ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯିବା ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି । ଫଳରେ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିଲେ । ଏସଂକ୍ରାନ୍ତରେ ଖବର ପାଇ ମଧ୍ୟାହ୍ନରେ ଗଣିଆ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜକିଶୋର ମହାରଣା, ପ୍ରଶାନ୍ତ କୁମାର ସାହୁ , କିଶୋର ପ୍ରସାଦ ପଞ୍ଚାୟତର ସରପଞ୍ଚ ରୀତାରାଣୀ ବେହେରା, ସମିତିସଭ୍ୟା ରଞ୍ଜିତା ବେହେରା ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରୀ ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ । ବିଦ୍ୟାଳୟରୁ କୌଣସି ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଧାରଣା ପ୍ରତ୍ୟାହାର କରିଥିଲେ ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଗଣିଆ,୧୧।୧୦(ଡି.ଏନ.ଏ.)**

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ନୟାଗଡ଼ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଗଣିଆ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଣିଆସ୍ଥିତ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉକ୍ତ ଶିବିରକୁ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ସିରିଆଲ ଶୁଭ୍ର ପଟେଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଦିପ୍ତି କହଁର ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ବ୍ଲକର ୮ ପଞ୍ଚାୟତରୁ ୨୫୫ଜଣ ଦିବ୍ୟାଙ୍ଗ ପଞ୍ଜିକୃତ ହୋଇ ବିଭିନ୍ନ ବିଭାଗର ଡାକ୍ତରଙ୍କ ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଅସ୍ଥିଶଲ୍ୟ ବିଭାଗରେ ୧୨୮, ଶ୍ରବଣବାଧିତ ବିଭାଗରେ ୫୩ , ଚକ୍ଷୁ ବିଭାଗରେ ୩୨, ମାନସିକ ବିକୃତ ବିଭାଗରେ ୩୭ ଓ ଭେଷଜ ତଥା ଅନ୍ୟାନ୍ୟ ବିଭାଗରେ ୫ଜଣ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ସୂଚନା ମିଳିଛି ।

# ଭାପୁରରେ ଶିଶୁ କନ୍ୟା ଦିବସ ପାଳିତ

**ଭାପୁର,୧୧।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ବଳଦିଆ ନୂଆଗାଁ ହାଇସ୍କୁଲ ଓ ରାକମା ପଞ୍ଚାୟତ ହାଇସ୍କୁଲଠାରେ 'ଅର୍ନ୍ତଜାତୀୟ ଶିଶୁ କନ୍ୟା ଦିବସ' ପାଳିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ନବକିଶୋର ସାହୁ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରେଣୁବାଳା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଡିପିଓ ରେଣୁବାଳା ନନ୍ଦ,ମୁଖ୍ୟବକ୍ତା ପ୍ରଧାନଶିକ୍ଷକ ଗଦାଧର ପରିଡା, ମହିଳା କ୍ଷେତ୍ର ପରିଦର୍ଶିକା ପ୍ରତିମା ସେଠୀ ଓ ଜ୍ୟୋର୍ତିମୟୀ ସାହୁ,ଶିକ୍ଷକ ହୃଷିକେଶ ବେହେରା,ଲକ୍ଷ୍ମୀପ୍ରିୟା ସେଣ, ଆକ୍ସନ ଏଡ଼ର ବ୍ଲକ କୋଡ଼ିନେଟର ସୁରେଶ ସ୍ୱାଇଁ, ଅସୀମା ବେଉରିଆ, ଅଶାନ୍ତି ପରିଡ଼ା, ସନ୍ଧ୍ୟାରାଣୀ ଶତପଥୀ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗ ଦେଇ ଉକ୍ତ ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଉଭୟ ସ୍କୁଲର ଶିଶୁ କନ୍ୟାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଶିଶୁ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଉଭୟ ସ୍କୁଲର ୨୦ କୃତୀ ଶିଶୁକନ୍ୟାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଉଭୟ କାର୍ଯ୍ୟକ୍ରମରେ ନିଜ ଗ୍ରାମ ଓ ପଞ୍ଚାୟତକୁ ଏକ ଶିଶୁ ପ୍ରିୟ ଓ ବାଲ୍ୟବିବାହ ମୁକ୍ତ ପଞ୍ଚାୟତରେ ପରିଣତ କରିବାକୁ ଉପସ୍ଥିତ ଅତିଥି, କର୍ମକର୍ତ୍ତା ଓ ଶିଶୁକନ୍ୟାମାନେ ଶପଥ ପାଠ କରିଥିଲେ । ସେହିପରି ଭାପୁର ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାପୁର ବଜାର ପରିକ୍ରମା କରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ ।




ଶିଶୁକନ୍ୟା ଦିବସରେ ଛାତ୍ରୀମାନେ ସଚେତନତା ସୃଷ୍ଟି କରୁଛନ୍ତି।

# ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

### ନୟାଗଡ଼ ବ୍ଲକ୍ ବିଜୟୀ

**ନୟାଗଡ଼ ଅଫିସ,୧୧।୧୦**

ନୟାଗଡ଼ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଇଟାମାଟି ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଜିଲାର ୮ ବ୍ଲକରୁ ୧୨୮ ଜଣ ପ୍ରତିଯୋଗୀ ଓ କ୍ରୀଡ଼ା ଶିକ୍ଷକ ଅଂଶଗ୍ରହଣ କରିଛନ୍ତି । ନୟାଗଡ଼ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷତା କରିଥିଲେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଯୋଗଦେଇଥିଲେ । ବାମନ ଅବକାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ନୟାଗଡ଼ ଜିଲା ଶିକ୍ଷା କ୍ରୀଡ଼ା ନିରୀକ୍ଷକ ପ୍ରକାଶ ଚରଣ ସାଆନ୍ତ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ନୟାଗଡ଼ ଓ ଗଣିଆ ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନୟାଗଡ଼ ବ୍ଲକ୍ ୪-୦ ଗୋଲରେ ବିଜୟୀ ହୋଇଥିଲା । ଶ୍ରେଷ୍ଠ ଖେଳାଳୀ ଭାବେ ନୟାଗଡ଼ ବ୍ଲକ୍‌ର ସୁରେଶ ମାଝିଙ୍କୁ ଜିଲା ଶିକ୍ଷା ଅଧିକାରୀ ପୁରସ୍କୃତ କରିଥିଲେ । ମ୍ୟାଚକୁ ପରିଚାଳନା କରିଥିଲେ କୈଳାସ ଚନ୍ଦ୍ର ପ୍ରଧାନ,ସୂର୍ଯ୍ୟକାନ୍ତ ଦଳବେହେରା,ଆଶିଷ ପଟ୍ଟନାୟକ,ପ୍ରସନ୍ନ ନାୟକ । ସଂଯୋଜନା କରିଥିଲେ ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟ । ଏହି ଅବସରରେ ନୟାଗଡ଼ ଜିଲାର ୮ ବିଦ୍ୟାଳୟକୁ ଓସେପା ପକ୍ଷରୁ ଫୁଟବଲ୍ ପ୍ରଦାନ କରାଯାଇଥିଲା । ଉକ୍ତ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ।



ଅତିଥିଙ୍କ ଗହଣରେ ୨ ଦଳର ଖେଳାଳୀ ।